## ସଂକ୍ଷେପରେ

### ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମବରଦା,୩୧।୩(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ଅର୍ନ୍ତଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ରବିବାର ଅପରାହ୍ନରେ ଜେସିବି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗଳପୁର ପଞ୍ଚାୟତ ନାଳକୂଳ ଗ୍ରାମର ଶିବ ଦାସଙ୍କ ପୁଅ ହେମନ୍ତ ଦାସ(୩୭)। ସେ ନିଜର ଦୈନନ୍ଦିନ କାମ ସାରି ବାଇକ୍‌ରେ ବ୍ରହ୍ମବରଦାରୁ ଘରକୁ ଫେରୁଥିବା ସମୟରେ ବାଲିଚନ୍ଦ୍ରପୁର ପଟୁ ଆସୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

#### ଶନିବାର ରାତିରୁ ନିଖୋଜ ଥିଲେ

ପଟ୍ଟାମୁଣ୍ଡାଇ,୩୧।୩(କଳ୍ପତରୁ ନାୟକ): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ କଖାରୁଣି ଦଳିତ ସାହି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ସେ ହେଲେ କଖାରୁଣି ଗ୍ରାମର ପତିତପାବନ ମଳିକଙ୍କ ପୁଅ ରମାକାନ୍ତ ମଳିକ (୩୭) । ସେ ଶନିବାର ରାତିରୁ ନିଖୋଜ ଥିଲେ । ଏ ସଂକ୍ରାନ୍ତରେ ପୋଲିସକୁ କୌଣସି ସୂଚନା ଦିଆଯାଇ ନ ଥିଲା । ରବିବାର ରମାକାନ୍ତଙ୍କ ମୃତଦେହ ପାଣିରେ ଭାସୁଥିବା ଗାଁ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ପୋଲିସ ତଦନ୍ତ ଜାରି ରଖିଛି । ତେବେ କେଉଁ କାରଣରୁ ରମାକାନ୍ତଙ୍କ ଏପରି ମୃତ୍ୟୁ ଘଟିଲା ସେ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳିନାହିଁ । ରମାକାନ୍ତଙ୍କ ସ୍ତ୍ରୀ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଜାରି ରଖିଛି। ରମାକାନ୍ତଙ୍କ ମୃତ୍ୟୁକୁ ନେଇ ନାନା କଥା ଆଲୋଚନା ହେଉଛି।

### ନାବାଳିକାଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ବଡ଼ବିଲ,୩୧।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ପାଟି ବାନ୍ଧି ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ରୁଗୁଡ଼ି ଥାନା ଅଞ୍ଚଳର ଜୟ ମହାକୁଡ଼। ସୂଚନା ଅନୁଯାୟୀ, ଗତ ୨୯ ତାରିଖ ଦିନ ଜନୈକ ବ୍ୟକ୍ତିଙ୍କ ସହିତ କୌଣସି ଶତ୍ରୁତାର ପ୍ରତିଶୋଧ ନେବା ନିମନ୍ତେ ଜୟ ମହାକୁଡ ଜଣେ ନାବାଳିକାଙ୍କୁ ଧରିନେଇ ପାଟି ବାନ୍ଧି ଦେଇଥିଲେ। କୌଣସି ମତେ ଘଟଣା ସମ୍ପର୍କରେ ଜାଣି ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ ପୋଲିସ ମାମଲା ରୁଜୁ କରିବା ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଥିବା ଜଣାପଡିଛି। ତେବେ ବାପାଙ୍କ ସହ ଶତ୍ରୁତାକୁ ନେଇ ଜଣେ ନିରୀହ ନାବାଳିକାଙ୍କ ଉପରେ ପ୍ରତିଶୋଧ ନେବାଭଳି ଅଶୋଭନୀୟ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

# ତ୍ରୁଟିପୂର୍ଣ୍ଣ ଡ୍ରେନ୍ ପୋତିଲା ପୂର୍ତ୍ତ ବିଭାଗ

- ପାଣିରେ ପଡ଼ିଲା ୧୬ ଲକ୍ଷ ଟଙ୍କା
- ୨ ବର୍ଷ ତଳେ ନିର୍ମାଣ ହୋଇଥିଲା ଡ୍ରେନ୍

ଚଣ୍ଡିଖୋଲ,୩୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବଡ଼ଚଣା ଉପଖଣ୍ଡରେ ରହିଛି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା। ଏହି ରାସ୍ତାର ବାଲିଚନ୍ଦ୍ରପୁର ବଜାର ମଧ୍ୟରେ ୨୦୨୨ ଏପ୍ରିଲରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ୍‌କୁ ଏବେ ପୋତାଯାଉଛି। ଫଳରେ ୧୬ ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି କୁହାଯାଉଛି। ବିଭାଗୀୟ ଯନ୍ତ୍ରୀମାନଙ୍କ ତ୍ରୁଟିପୂର୍ଣ୍ଣ ଆକଳନ ଅନୁସାରେ ଏହି ଡ୍ରେନ ନିର୍ମାଣ ହୋଇଥିଲା। ଡ୍ରେନଟିଏଭଳିନିର୍ମାଣ ହୋଇଥିଲା ଯେ ରାସ୍ତା ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରି ବିଭାଗୀୟ ଅଧିକାରୀ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଅଭିଯୋଗ କରିଥିଲେ।

୨୦୨୨ ଜୁନ୍ ୭ରେ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ଡାକି କ୍ଷେତ୍ର ପରିଦର୍ଶନ କରିବା ସହିତ ଡ୍ରେନ ନିର୍ମାଣରେ ତ୍ରୁଟି ଥିବା ଦେଖି କାର୍ଯ୍ୟ ବନ୍ଦ କରିବାକୁ



ବାଲି ପକାଇ ଡ୍ରେନ୍ ପୋତାଯାଉଛି ।

ପରାମର୍ଶ ଦେଇଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ୧୬୦ ମିଟର ଲମ୍ବ ବିଶିଷ୍ଟ ଡ୍ରେନ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୧୬ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ଠିକାଦାର ମାତ୍ର ୮୦ ମିଟର କାମ କରିଥିଲେ। ବର୍ତ୍ତମାନ ଏହାକୁ ପୋତିବା ପାଇଁ ବିଭାଗ ପକ୍ଷରୁ ଟଙ୍କା ଖର୍ଚ୍ଚ କରାଯାଉଛି। ଏହି କାର୍ଯ୍ୟ ବିରୋଧରେ ଅଭିଯୋଗ ହେବାରୁ ଠିକାଦାରଙ୍କ ବିଲ ଅଟକ ରଖାଯାଇଥିଲା। ପରେ ୨୦୨୩ରେ ବିଭାଗ ପକ୍ଷରୁ ଏହାର ବିଲ କରାଯାଇ ଠିକାଦାରଙ୍କୁ ଟଙ୍କା ପୈଠ କରାଯାଇଥିଲା। ସାଧାରଣ ଲୋକଙ୍କ ଟିକସ ପଇସାରେ ହେଉଥିବା ଏହି କାର୍ଯ୍ୟ ବିରୋଧରେ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ଅଧିକାରୀଙ୍କ ତ୍ରୁଟି ପାଇଁ ଏଭଳି ସରକାରଙ୍କ ଟଙ୍କା ପାଣିରେ ପଡ଼ିଲା ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପାର୍ଥସାରଥି ପ୍ରହରାଜଙ୍କୁ ପଚାରିବାରୁ ସେ କହିଛନ୍ତି, ଡ୍ରେନ ନିର୍ମାଣ ତ୍ରୁଟି ପାଇଁ ଏହାକୁ ପୋତାଯାଉଛି। ଯେଉଁ ଠିକାଦାର ଡ୍ରେନ୍ ନିର୍ମାଣ କରିଥିଲେ ତାଙ୍କର ସମସ୍ତ ଟଙ୍କା ଦିଆଯାଇନାହିଁ। ଯେତିକି କାର୍ଯ୍ୟ କରିଥିଲେ ତାହା ମାପ ଚୁପ କରି ଟଙ୍କା ପୈଠ କରାଯାଇଛି।

# ରାଜସ୍ୱ ଆଦାୟରେ ଧର୍ମଶାଳା ତହସିଲ ଜିଲାରେ ପ୍ରଥମ

ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଜିଲାରେ ୧ ନମ୍ବର ମାନ୍ୟତା ହାସଲ କରିଛି। ଏହି ତହସିଲରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୮୬ କୋଟି ୬୦ ଲକ୍ଷ ୪୧ ହଜାର ୫୩ ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ଏହି ତହସିଲ ୨୨ କୋଟି ୬୩ ଲକ୍ଷ ୭୧ହଜାର ୯୬ ଟଙ୍କା ଆଦାୟ କରିଥିବା ଜଣାଯାଇଛି। ବିଗତ ୧୧ ବର୍ଷ ଧରି ଏହି ତହସିଲ ରାଜସ୍ୱ ଆଦାୟରେ ଜିଲାରେ ପ୍ରଥମ ଓ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସୁଥିଲା। ହେଲେ ଚଳିତ ବର୍ଷ ତହସିଲର ମୁଖ୍ୟ ରାଜସ୍ୱ କଳାପଥର ଖାଦାନ ଓ ବାଲିଘାଟ ରାଜସ୍ୱ ଖଣି ବିଭାଗକୁ ହସ୍ତାନ୍ତର ହେବା ଫଳରେ ୨୦୨୩-୨୪ ଆର୍ଥିକ ବର୍ଷରେ ତହସିଲ ଲକ୍ଷଧାର୍ଯ୍ୟଠାରୁ କମ ରଜସ୍ୱ ଆଦାୟ କରିଛି। ତହସିଲ ଅଧୀନରେ ୯୯ କଳା ପଥର ଖାଦାନ ଓ ୧୦ ବାଲି ସଇରାତ ରହିଛି। ଏହି ସଇରାତଗୁଡ଼ିକ ମୁଖ୍ୟତ ରାଜସ୍ୱ ଆଦାୟର ପ୍ରମୁଖ ଉତ୍ସ ରହିଥିଲା। ଏହି ଉତ୍ସଗୁଡିକ ଖଣି ବିଭାଗକୁ ହସ୍ତାନ୍ତର ହୋଇଯିବା ଫଳରେ ଚଳିତ ବର୍ଷ ତହସିଲ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ମାତ୍ର ୨୬.୧୩% ରାଜସ୍ୱ ଆଦାୟ କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ତହସିଲଦାର ଶୁଭଙ୍କର ମହାନ୍ତି ସୂଚନା ଦେଇଛନ୍ତି।

# ଯୁବ କ୍ରିକେଟରଙ୍କ ଶ୍ରାଦ୍ଧ ବାର୍ଷିକୀରେ ଚାରାରୋପଣ

ପାଣିକୋଇଲି,୩୧।୩(ବିକାଶ ମଲ୍ଲିକ):

ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ନମିଟିକିରି ଗ୍ରାମର ଯୁବ କ୍ରିକେଟର ଦାଶରଥି ବାରିକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାଶରଥିଙ୍କ ନିଜ ଘର ଭୁଇଁପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମରେ ହୋଇଥିବାବେଳେ ସେ ତାଙ୍କ ମାମୁଘର ନମିଟିକିରି ଗ୍ରାମର ଅକ୍ଷୟ ବାରିକଙ୍କ ଘରକୁ ପୁଅ ହୋଇ ଆସିଥିଲେ। ଗତ ବର୍ଷ ମାର୍ଚ୍ଚ ୩୧ରେ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ତାଙ୍କର ଦେହାନ୍ତ ଘଟିଥିଲା। ସେ ଜଣେ ପରୋପକାରୀ ତଥା ପ୍ରକୃତିପ୍ରେମୀ ଯୁବକ ଥିଲେ। ଏଥିସହିତ ଜଣେ ଉଦିୟମାନ କ୍ରିକେଟର ମଧ୍ୟ ଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ ଶେଷ ପରିଚୟର ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ସହିତ ଦାଶରଥି ସ୍ମୃତି ସାଂସଦ ତରଫରୁ ମନ୍ଦିର ନିକଟରେ ଏହି ଚାରାରୋପଣ କରାଯାଇଛି। ଅଶୋକ ଦାସ ଫାଉଣ୍ଡେଶନର ମହାସଚିବ ଭବ ପ୍ରସାଦଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାଶରଥିଙ୍କ ସ୍ମୃତିଚାରଣ କରିବା ସହିତ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେଓ, ଶ୍ୟାମସୁନ୍ଦର ସାମଲ, ଅକ୍ଷୟ ବାରିକ, ହୃଷୀକେଶ କବି, ମାୟାଧର କବି, ଦୋଳଗୋବିନ୍ଦ ବାରିକ, କାଳନ୍ଦୀ ଦଳେଇ, ବିଜୟାନନ୍ଦ କବି, ଚନ୍ଦନ କବି, ପ୍ରଫୁଲ୍ଲ ସାମଲ, ପବିତ୍ର ସାମଲ, ଜଗବନ୍ଧୁ କବି, ତୁଷାର ବାରିକ, ଆଶିଷ ବାରିକ, ତବନ ସାମଲ, ବଳରାମ ମହି, ଜୟନ୍ତ ମହୀ ଓ ପବିତ୍ର ସାମଲ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ଯୁବ କ୍ରିକେଟରଙ୍କ ଶ୍ରାଦ୍ଧବାର୍ଷିକୀରେ ଚାରାରୋପଣ କରାଯାଉଛି ।

# ଆକାଶଙ୍କୁ ଟକ୍କର ଦେବାକୁ ପ୍ରସ୍ତୁତି ଆରମ୍ଭ

ଯାଜପୁର,୩୧।୩ (ହର୍ଷବର୍ଦ୍ଧନ ବେହେରା)

**କୋରେଇ ନିର୍ବାଚନମଣ୍ଡଳୀ**
- ଝିଲ୍ଲିକ, ଲଲଙ୍କୁ ନେଇ ଚର୍ଚ୍ଚା ବଢ଼ିଲା
- ବିଜେଡି କର୍ମୀଙ୍କ ଗୋପନ ବୈଠକ

ଯାଜପୁର ଜିଲା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ ବିଜେଡି ଛାଡି ରବିବାର ଅପରାହ୍ନରେ ଭୁବନେଶ୍ୱରରେ ଭାଜପାରେ ଯୋଗଦେଇଛନ୍ତି। ଏହାପରେ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ନୂଆ ରାଜନୈତିକ ସମୀକରଣ ଆରମ୍ଭ ହୋଇଛି। ଏଠାରେ ଭାଜପା ପ୍ରାର୍ଥୀ ଭାବେ ଆକାଶ ନିର୍ବାଚନ ଲଢ଼ିବା ପ୍ରାୟ ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବା ମନେ ହେଉଛି। ଏହାର ମୁକାବିଲା କରିବାକୁ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ(ଡାନି)ଙ୍କ ସ୍ତ୍ରୀ ଝିଲ୍ଲିକ୍ ଭଟ୍ଟାଚାର୍ଯ୍ୟଙ୍କୁ ବିଜେଡିରୁ ପ୍ରାର୍ଥୀ କରିବାକୁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ରବିବାର ସନ୍ଧ୍ୟାରେ ବ୍ୟାସନଗରସ୍ଥିତ ଏକ ହୋଟେଲରେ କେତେଜଣ ବିଜେଡି କର୍ମୀଙ୍କୁ ନେଇ ବୈଠକ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଝିଲ୍ଲିକ ମଧ୍ୟ ଜଣେ ଓଡ଼ିଆ ଅଭିନେତ୍ରୀ ଭାବେ ବେଶ୍ ପରିଚିତ। ଏହାସହ ଡାନି ୨୦୦୯ରେ କୋରେଇ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ଦୃଷ୍ଟିରୁ କୋରେଇରେ ଡାନିଙ୍କ ସାଂଗଠନିକ ସ୍ଥିତି ଏବଂ ସମର୍ଥକଙ୍କ ଅଭାବ ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷେ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ(ଲଲ)ଙ୍କ ନାମ ମଧ୍ୟ ଏଠାରେ ଶୁଣିବାକୁ ମିଳୁଛି।

୧୯୭୪ରେ କୋରେଇ ଆସନର ସୀମା ପୁନଃନିର୍ଦ୍ଧାରଣ ହେବା ପରେ ତାହା ଅସଂରକ୍ଷିତ ହୋଇଛି। କୋରେଇ ସବୁ ବର୍ଗଙ୍କ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉନ୍ମୁକ୍ତ ଥିବାରୁ ଆଗାମୀ ନିର୍ବାଚନକୁ ନେଇ ରାଜନୀତି ବେଶ୍ ରୋଚକ ହୋଇଛି । ଏଠାରେ ସବୁ ପ୍ରମୁଖ ରାଜନୈତିକ ଦଳର ଟିକେଟ୍ ଆଶାୟୀଙ୍କ ତାଲିକା ଲମ୍ବା। ଏହି ଆସନରେ ପ୍ରାର୍ଥିତ୍ୱ ପାଇଁ ଶକ୍ତି ପ୍ରଦର୍ଶନ କରିବାକୁ ବିଜେଡି, ଭାଜପା ଓ କଂଗ୍ରେସର ତୁଙ୍ଗନେତାମାନେ ରୀତିମତ ପ୍ରତିଯୋଗିତାରେ ମାତିଛନ୍ତି। ଖାଲି ରାଜନେତା ନୁହେଁ, ଚାକିରିଆ ବି ନିର୍ବାଚନ ଲଢ଼ିବାକୁ ମନ ବଳାଉଛନ୍ତି। ଭାଜପାରେ ଆକାଶ ଯୋଗଦେବା ପରେ ତାଙ୍କୁ ମିଶାଇ ୩ ଜଣ ଟିକେଟ୍ ପାଇବା ପାଇଁ ଆଶା କରିଛନ୍ତି। ବିଜେଡିର ବର୍ତ୍ତମାନ ବିଧାୟକଙ୍କ କାର୍ଯ୍ୟ ଓ ନିର୍ବାଚନମଣ୍ଡଳୀର ବିକାଶକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଗତ ୨୪ ବର୍ଷ ମଧ୍ୟରେ ଏଠାରେ ଭିନ୍ନ ଭିନ୍ନ ନେତା ନିର୍ବାଚିତ ହୋଇଛନ୍ତି। ଏଭଳିସ୍ଥଳେ ୨୦୨୪ ନିର୍ବାଚନରେ କୋରେଇବାସୀ କାହାକୁ ଆଶୀର୍ବାଦ କରିବେ ତାହା ଚର୍ଚ୍ଚାର ବିଷୟ ହୋଇଛି।

# ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ୭ ଗିରଫ

ବାହାନଗା,୩୧।୩
(ଅରୂପ୍ କୁମାର ଦାସ)

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ପାଟରା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଖନ୍ତାପଡ଼ା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୩୭/୨୪) ରୁଜୁ ହୋଇଛି। ମୃତ ଯୁବକ ହେଲେ ବାରିପଦା ସଦର ଥାନା ଅଧୀନ ଟିକରପଡା ଗ୍ରାମର ବିକ ସିଂଙ୍କ ପୁଅ ଜାଗରା। ମାନସିକ ବିକୃତ ଥିବା ଜାଗରା ଭୁବନେଶ୍ୱର ରେ ରହି କାମ କରନ୍ତି। ଗତ ୨୩ ତାରିଖରେ ସେ ଟ୍ରେନ୍ ଯୋଗେ ବାରିପଦାକୁ ଫେରୁଥିଲେ। ଟ୍ରେନ୍ ବରୁଣସିଂ ଷ୍ଟେଶନରେ ଅଟକିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ଚାଲିଚାଲି ନିକଟସ୍ଥ ପାଟରା ଗ୍ରାମର ବାବୁ ପାତ୍ରଙ୍କ ଘର ଭିତରେ ପଶିଯାଇଥିଲେ। ବାବୁ ପାତ୍ରଙ୍କ ପରିବାର ଲୋକେ ତାଙ୍କୁ ଅଟକାଇବା ସହିତ ଗ୍ରାମର ଯୁବକମାନଙ୍କୁ ଡାକି ଗ୍ରାମ ମନ୍ଦିର ନିକଟକୁ ନେଇ ଯାଇ ସେଠାରେ ନିସ୍ତୁକ ମାଡ଼ ମାରିଥିଲେ। ଖନ୍ତାପଡା ଥାନା ପୋଲିସ୍ ଖବରପାଇ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଜାଗରାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଟାଟା ପାୱାର କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଥାନାରେ ଅଭିଯୋଗ

ପାଣିକୋଇଲି,୩୧।୩(ବିକାଶ ମଲ୍ଲିକ):

**ଉପଭୋକ୍ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ**

ଟାଟା ପାୱାରର ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ସେକ୍ସନର କନିଷ୍ଠ ଯନ୍ତ୍ରୀ ଜତିନ୍ଦ୍ରନାଥ ସାହୁ ଜଣେ ଉପଭୋକ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଏହି ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପଥରପଦା ପଞ୍ଚାୟତ ନେକୁରୁଣ୍ଡିଣୀଠାରେ ଉପଭୋକ୍ତା ବିଜୟ ସ୍ୱାଇଁ ବ୍ୟକ୍ତିଗତ ଭାବେ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ବିଦ୍ୟୁତ୍ ସବଷ୍ଟେଶନ ଓ ଟ୍ରାନ୍ସଫର୍ମର ବସାଇଛନ୍ତି। ହେଲେ ତାଙ୍କ ବିନା ଅନୁମତିରେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଅନ୍ୟ ଜଣେ ଉପଭୋକ୍ତାଙ୍କୁ ଏଠାରୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିଥିଲେ। ଗତ ୫ ତାରିଖରେ ସ୍ୱାଇଁ ଦରଖାସ୍ତ ଲେଖି ଉକ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ କରିବାକୁ ଅନୁରୋଧ କରିଥିଲେ। କନିଷ୍ଠ ଯନ୍ତ୍ରୀ ଏନେଇ କୌଣସି ପଦକ୍ଷେପ ନ ନେବାରୁ ସ୍ୱାଇଁ ଉପଖଣ୍ଡ ଅଧିକାରୀଙ୍କୁ ଜଣାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂଯୋଗକୁ ନିଜେ କାଟି ଦେଇଥିଲେ। ଏହାପରେ ଯନ୍ତ୍ରୀ ଉପଭୋକ୍ତା ସ୍ୱାଇଁଙ୍କୁ ଫୋନ୍ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ମା'ମାହେଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜଗତ୍‌ସିଂହପୁର, ୩୧।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅଣ୍ଡେଇସାହି ପଞ୍ଚାୟତର ମା'ମାହେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଲିଛି। ଏନେଇ କଳସ ଶୋଭାଯାତ୍ରା କରାଯାଇଥିଲା। ମହିଳାମାନେ ଦେବୀନଦୀ ତୁମ୍ବେଶ୍ୱର ଘାଟରୁ ଜଳ ଧାରଣ କରି ନୂଆପାରି ଓ ଭାତପଡ଼ା ଆଦି ଗ୍ରାମ ପରିକ୍ରମା ପରେ ମା'ମାହେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସାଲା ସିଦ୍ଧି, ମଣ୍ଡଳ ପୂଜା ଓ ବ୍ରାହ୍ମଣ ବରଣ ପରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ମନ୍ଦିର ପ୍ରତିଷ୍ଠା କରାଯାଇ ନୂତନ ମନ୍ଦିରରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମା'ମାହେଶ୍ୱରୀ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ତଥା ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ନକ୍ଷତ୍ରମାଳିନୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ



ନକ୍ଷତ୍ରମାଳିନୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେଇଥିବା ଅତିଥି ।

ଯାଜପୁର ସଦର,୩୧।୩(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅଧୀନ ଛତିଶଦେବିଲ ନକ୍ଷତ୍ରମାଳିନୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବିଦ୍ୟାଳୟ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ସମାରୋହକୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ସଭାପତି ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ଶରତ ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅପରାହ୍ନରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ସାହିତ୍ୟିକ ହରିହର କାନୁନଗୋ ଏବଂ ନିରଞ୍ଜନ ପାଢ଼ୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସମ୍ପାଦକ ପାର୍ଥପ୍ରତିମ ବିଶ୍ୱାଳ ସମ୍ପାଦକୀୟ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋହନ ଜେନା ବିବରଣୀ ପାଠ କରିଥିଲେ। ପ୍ରାଧାପକ ସୁକାନ୍ତ ବିଶ୍ୱାଳ ଓ ଶିକ୍ଷକ ନଟବର ବେହେରା ଧନ୍ୟବାଦ ଦେଇଥିଲେ। ସ୍କୁଲପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ପୂର୍ବତନ ଶିକ୍ଷକ, ସ୍କୁଲର ୧୧ ମେଧାବୀ ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପତାକା ଉତ୍ତୋଳନ କରିବା ସହ ସ୍କୁଲ୍ ପ୍ରତିଷ୍ଠାତା ସମ୍ପାଦକ ରାଜକିଶୋର ବିଶ୍ୱାଳଙ୍କ ପରିବାର ଦ୍ୱାରା ନିର୍ମାଣ କରାଯାଇଥିବା ସ୍ମୃତିସ୍ତମ୍ଭକୁ ଉଦ୍‌ଘାଟନ କରିଥିଲେ।

# ଜାରକା ମେଳଣ ଉଦ୍‌ଯାପିତ

ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ମହୋତ୍ସବ ପଡ଼ିଆରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ୪୬ତମ ଜାରକା ମେଳଣ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୭ ବଡ଼ ଓ ୧୦ ଛୋଟ ବିମାନ ଯୋଗଦେଇ ହୋଲି ଖେଳିଥିଲେ। କମିଟି ସଭାପତି ଅଜାମ୍ବର ସାହୁ, ଉପସଭାପତି ଅଜୟ ମହାପାତ୍ର ଓ ସମ୍ପାଦକ ଜଳଧର ସାହୁ ଜାରକା ଥାନପତି ବିମାନଙ୍କୁ ନିମନ୍ତ୍ରଣ ଜଣାଇ ଆସିବାପରେ ସେ ପ୍ରଥମ ଚାରାରେ ବସିଥିଲେ। ପରେ ଅନ୍ୟବିମାନଗୁଡ଼ିକ ମେଳଣ ପଡ଼ିଆକୁ ଆସିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହନ୍ତି, ସ୍ମୃତିରେଖା ବେହେରା, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ଥାନା ଅଧିକାରୀ ତପନ ନାୟକ ଯୋଗ ଦେଇଥିଲେ।



ମେଳଣରେ ସାମିଲ ହୋଇଥିବା ବିମାନ।

ମେଳଣରେ ଉତ୍ତର ଶାସନ, ଦକ୍ଷିଣଶାସନ, ବାଲିଗରି, ନରସିଂହପୁର, ଗଙ୍ଗାଧରପୁର, ଭୁଷଣ୍ଡପୁର, ପ୍ରଥମାଖଣ୍ଡି, ଅଚ୍ୟୁତପୁର, ଚହଟା ଗୋପୀନାଥ, ଚହଟା ବୃନ୍ଦାବନ, ଚୋରମୁହଁ. ଦେଓଦା(ସ୍ୱାଇଁସାହି), ଅଭୟପୁର, ଦୁବଗାଡ଼ିଆ, ତରାପୁର ଓ ସେବତୀପୁର ଆଦି ରାଧାକୃଷ୍ଣ ବିମାନ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ମେଳଣ ବୁଲିବା ସହ ବିଭିନ୍ନ ଉଠାଦୋକାନରୁ ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସଭ୍ୟ କିଶୋର ନାୟକ, ଇନ୍ଦ୍ରମଣି ନାୟକ, ସତ୍ୟପ୍ରିୟ ମହାନ୍ତି, ରାମଚନ୍ଦ୍ର ମଲିକ, କାଶୀନାଥ ସାହୁ, ଅଶୋକ ସାହୁ, ଅମରେନ୍ଦ୍ର ରାଉତ, କାଳନ୍ଦି ସାହୁ, ମାନସ ମହାନ୍ତି, ଅଶୋକ ବରାଳ, ମନୋଜ ଦାସ, ପ୍ରତାପ ପ୍ରଧାନ, ଅନିରୁଦ୍ଧ ରାଉତ, ନକୁଳ ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ବ୍ରଜ ମହାନ୍ତି, ରବିନାରାୟଣ ସାହୁ, ଜୟପ୍ରକାଶ ତ୍ରିପାଠୀ, ଦିଲୀପ ଜେନା ଓ ମହେଶ୍ୱର ସାହୁ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମବରଦା,୩୧।୩(ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ଅର୍ନ୍ତଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ରବିବାର ଅପରାହ୍ନରେ ଜେସିବି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗଳପୁର ପଞ୍ଚାୟତ ନାଳକୂଳ ଗ୍ରାମର ଶିବ ଦାସଙ୍କ ପୁଅ ହେମନ୍ତ ଦାସ(୩୭)। ସେ ନିଜର ଦୈନନ୍ଦିନ କାମ ସାରି ବାଇକ୍‌ରେ ବ୍ରହ୍ମବରଦାରୁ ଘରକୁ ଫେରୁଥିବା ସମୟରେ ବାଲିଚନ୍ଦ୍ରପୁର ପଟୁ ଆସୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ୭ ଗିରଫ

ବାହାନଗା,୩୧।୩(ଅରୂପ୍ କୁମାର ଦାସ)

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ପାଟରା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଖନ୍ତାପଡ଼ା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୩୭/୨୪) ରୁଜୁ ହୋଇଛି। ମୃତ ଯୁବକ ହେଲେ ବାରିପଦା ସଦର ଥାନା ଅଧୀନ ଟିକରପଡା ଗ୍ରାମର ବିକ ସିଂ ଙ୍କ ପୁଅ ଜାଗରା। ମାନସିକ ବିକୃତ ଥିବା ଜାଗରା ଭୁବନେଶ୍ୱର ରେ ରହି କାମ କରନ୍ତି। ଗତ ୨୩ ତାରିଖରେ ସେ ଟ୍ରେନ୍ ଯୋଗେ ବାରିପଦାକୁ ଫେରୁଥିଲେ। ଟ୍ରେନ୍ ବରୁଣସିଂ ଷ୍ଟେଶନରେ ଅଟକିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ଚାଲିଚାଲି ନିକଟସ୍ଥ ପାଟରା ଗ୍ରାମର ବାବୁ ପାତ୍ରଙ୍କ ଘର ଭିତରେ ପଶିଯାଇଥିଲେ। ବାବୁ ପାତ୍ରଙ୍କ ପରିବାର ଲୋକେ ତାଙ୍କୁ ଅଟକାଇବା ସହିତ ଗ୍ରାମର ଯୁବକମାନଙ୍କୁ ଡାକି ଗ୍ରାମ ମନ୍ଦିର ନିକଟକୁ ନେଇ ଯାଇ ସେଠାରେ ନିସ୍ତୁକ ମାଡ଼ ମାରିଥିଲେ। ଖନ୍ତାପଡା ଥାନା ପୋଲିସ୍ ଖବରପାଇ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଜାଗରାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆଳିପିଙ୍ଗଳ ନିକଟରେ ୪ ବେଆଇନ ବାଲିଘାଟ

■ଶହ ଶହ ଟ୍ରିପ୍ ଚୋରା ଚାଲାଣ ସତ୍ତ୍ୱେ ଚୁପ୍ ବସିଛି ପ୍ରଶାସନ

■ ଘାଟ ଆଖପାଖରେ ଅପରାଧୀଙ୍କ ଚରାଭୂମି

ଜଗତ୍‌ସିଂହପୁର, ୩୧।୩
(ପ୍ରମୋଦ କୁମାର ନାୟକ)



ଆଳିପିଙ୍ଗଳ ନିକଟ ଏକ ବାଲିଘାଟରୁ ବେଆଇନଭାବେ ବାଲିଚାଲାଣ ହେଉଛି।

ଜଗତ୍‌ସିଂହପୁର ସହରଠାରୁ ମାତ୍ର ୬/୭ କିଲୋମିଟର ଦୂର ଦେବୀ ନଦୀର ଆଳିପିଙ୍ଗଳ ନିକଟରେ ୪ଟି ବେଆଇନ ବାଲି ଘାଟ ଚାଲିଛି। ଯେଉଁ କାରଣରୁ ପ୍ରତ୍ୟହ ବହୁ ହାଇୱା, ଟ୍ରକ, ଟ୍ରାକ୍ଟର ଓ ୪୦୭ ଆଦିରେ ବାଲି ଚୋରା ଚାଲାଣ ହେଉଛି। ଏଥିଯୋଗୁ ରାତିରେ ମଧ ଏସବୁ ଅଞ୍ଚଳରେ ଦିନର ଭ୍ରମ ସୃଷ୍ଟି ହେଉଛି। ରାତି ତମାମ ଭାରିଯାନ ଚଳାଚଳ ସାଙ୍ଗକୁ ଅପରାଧୀମାନେ ସକ୍ରିୟ ରହୁଛନ୍ତି। ମାରଣାସ୍ତ୍ର ଧରି ନିଶାସକ୍ତ ଅବସ୍ଥାରେ ଘାଟ ନିକଟବର୍ତ୍ତୀ ଅଞ୍ଚଳରେ ବୁଲିବା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି।

ଦେବୀ ନଦୀର ଏକ ପାର୍ଶ୍ୱରେ ଆଳିପିଙ୍ଗଳ ଥିବାବେଳେ ଅପରପାର୍ଶ୍ୱରେ କଟକ ଜିଲା ନିଆଳି ତହସିଲ ଅନ୍ତର୍ଗତ କେତକେଶ୍ୱର ଘାଟ ରହିଛି। ବଡ କଥା ହେଲା ଏହି ଦୁଇ ଘାଟ ସମେତ ଅନ୍ୟ ୨ ସ୍ଥାନରୁ ବେଆଇନ ବାଲି ଚାଲାଣ ହେଉଛି। ବିଶେଷକରି କେତକେଶ୍ୱର ଘାଟ ନିକଟ ନିଆଳି ତହସିଲ ଅନ୍ତର୍ଗତ ଶାସନପଦା ଓ ଜଗତ୍‌ସିଂହପୁର ତହସିଲ ଅନ୍ତର୍ଗତ ପଟସରା ଅଞ୍ଚଳରୁ ରାତିରେ ବହୁ ପରିମାଣର ବାଲି ଚୋରା ଚାଲାଣ ଚାଲିଛି। ପଟସରା ନିକଟ ଦେବୀ ନଦୀରୁ ଏକ ଠିକାସଂସ୍ଥା ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ଚୋରାରେ ବୋହି ନେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଅଭିଯୋଗରେ କହିଛନ୍ତି, ୫୫ନଂ. ଜାତୀୟ ରାଜପଥର କନ୍ଦରପୁର-ଜଗତ୍‌ସିଂହପୁର ରାସ୍ତା କାମ ଚାଲିଛି। ଏଥିରେ ବହୁ ପରିମାଣର ବାଲି ଆବଶ୍ୟକ ହେଉଛି। ଠିକାଦାର ବିରିଡ଼ିଠାରୁ ଜଗତ୍‌ସିଂହପୁର ମଧ୍ୟରେ ଏକାଧିକ ମାଫିଆଙ୍କ ସହଯୋଗରେ ନଦୀରୁ ବାଲି ନେଉଛି। ଖୁବକମ୍ ପରିମାଣର ବାଲି ଉଠାଇବା ପାଇଁ ସରକାରୀ ଅନୁମତି ନେଇ ଏହି କାଗଜ ବଳରେ ସହସ୍ରାଧିକ ଟ୍ରିପ ବାଲି ଚୋରି କରୁଛି। ତେବେ ଏହି ବାଲି ଚୋରା ଚାଲାଣରେ କେବଳ ଠିକାଦାର କି ମାଫିଆ ସମ୍ପୃକ୍ତ ନୁହନ୍ତି ଖଣି ଅଧିକାରୀ, ପ୍ରଶାସନ ଓ ପୋଲିସ କର୍ମଚାରୀ ମଧ ସାମିଲ ଥିବା କୁହାଯାଉଛି। ଶାସନପଦାରେ ବହୁ ପରିମାଣର ବାଲି ଗଚ୍ଛିତ ଥିବାରୁ ସେଠାରୁ ରାତି ପିଛା ୫୦୦ରୁ ଅଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ଏ ବାବଦରେ ବାଲି ମାଫିଆ ଦୈନିକ ପାଖାପାଖି ୨୦ ଲକ୍ଷରୁ ଅଧିକ ଟଙ୍କା ପାଇବା ସହଜ ହୋଇଯାଉଛି। ସେଥିରୁ ରାଜନେତା, ପୋଲିସ, ପ୍ରଶାସନିକ ଅଧିକାରୀ ଓ ଖଣି ଅଧିକାରୀଙ୍କୁ ଭାଗ ଦେଲା ପରେ ବାଲି ମାଫିଆ ଦୈନିକ ପାଖାପାଖି ୧୦ ଲକ୍ଷ ଟଙ୍କା ପକେଟରେ ପୂରାଉଥିବା କେତେଜଣ ବ୍ୟକ୍ତି ନାମ ଗୋପନରଖି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ପ୍ରତ୍ୟେକଙ୍କୁ ସନ୍ତୁଷ୍ଟ କରାଯାଉଥିବାରୁ ଚଢାଉ ହେଉନି। ଏପରି କି ଗୋପନ ଭାବେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ। ସିଧାସଳଖ ଅଭିଯୋଗ କଲେ କାଳେ ମାଫିଆ ଜାଣିଯିବେ ଏବଂ ଗୁଣ୍ଡା ପଠାଇ ମୁଣ୍ଡରେ ବନ୍ଧୁକ ଲଗାଇବେ ସେ ଭୟ ଘାରୁଛି। ଏହା ଅର୍ଥ ନୁହେଁ ଲୋକେ ଚୁପ୍ ରହିଯିବେ। ଠିକଣା ସମୟରେ ଜବାବ ଦେବେ। ଯେଉଁ ରାଜନେତାମାନେ ବେଆଇନ ବାଲି ଘାଟରୁ ମୋଟା ଅଙ୍କର ଅର୍ଥ ନେଇ ଚୁପ ରହିଛନ୍ତି ସେମାନଙ୍କ ଅସଲି ଚେହେରା ଲୋକେ ଦେଖି ସାରିଲେଣି। ନିର୍ବାଚନ ସମୟରେ ବାଲଟରେ ଜବାବ ଦେବେ ବୋଲି ଏହି ବ୍ୟକ୍ତିମାନେ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଖଣି ଅଧିକାରୀ ଶତିସ୍ କୁମାର ତରାଇଙ୍କୁ ପଚାରିବାରୁ ସେ କହିଥିଲେ, ଯେଉଁଠି ଅଭିଯୋଗ ହେଉଛି ସେଠି ପୋଲିସ ସହାୟତାରେ ଚଢାଉ କରାଯାଉଛି। କିନ୍ତୁ ଶତପ୍ରତିଶତ ବେଆଇନ ବାଲି ଚୋରା ଚାଲାଣ ରୋକାଯିବା ସମ୍ଭବ ହୋଇପାରୁନାହିଁ। ଆଗକୁ ଦେଖିବାର ଅଛି ବାସ୍ତବରେ ପରିସ୍ଥିତିରେ ସୁଧାର ଆସୁଛି କି ଅଧିକ ବିଗିଡ଼ିଯାଉଛି ।

## ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ବନ୍ଦ ନ ହେଲେ ଆନ୍ଦୋଳନ



ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

**ଜଗତସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକ ବୈଠକ**

■ଅଖା ଟଙ୍କା ଫେରସ୍ତ ପାଇଁ ଦାବି

■ ମିଲରଙ୍କ ମନମାନିକୁ ବିରୋଧ

ରଘୁନାଥପୁର,୩୧।୩
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁରସ୍ଥିତ ଧଳତଙ୍ଗଗଡ ଜଙ୍ଗଲରେ ଜଗତସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଏଥିରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ବୈଠକକୁ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରେ ଥିବା ଧାନମଣ୍ଡିରେ ମିଲର ପକ୍ଷରୁ ହୋଇଥିବା କଟନୀ ଛଟନୀ ଓ ଅଖା ପଇସାକୁ କେନ୍ଦ୍ରକରି ଉଦ୍‌ବେଗ ପ୍ରକାଶ ପାଇଥିଲା। ରଘୁନାଥପୁର ବ୍ଲକର ବିଭିନ୍ନ ଧାନମଣ୍ଡିରେ ବସ୍ତା ପିଛା ୨ ରୁ ୩ କେଜି ଧାନ କଟାଯିବା ଏବଂ ଚାଷୀଙ୍କୁ ଅଖା ଟଙ୍କା ଫେରସ୍ତ କରାଯାଇ ନ ଥିବା ସମ୍ପର୍କରେ ବୈଠକରେ ଅଭିଯୋଗ ହୋଇଥିଲା। ଏନେଇ ବୈଠକ ସ୍ଥଳରୁ ସଙ୍ଗଠନ ସଭାପତି ଜେନା ଏ ସମ୍ପର୍କରେ ସମ୍ପୃକ୍ତ ମିଲରଙ୍କୁ ପଚାରିଥିଲେ। ମାତ୍ର ସେ ଏହାକୁ ଏଡ଼ାଇଯାଇ କହିଥିଲେ, ଚାଷୀମାନେ ଚିରା ଫଟା ବସ୍ତା ଦେଇଥିବାରୁ ସେମାନଙ୍କୁ ଅଖା ଟଙ୍କା ଦିଆଯିବ ନାହିଁ ବୋଲି କହିଥିଲେ। ପୁନର୍ବାର ସଭାପତି ଜେନା ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗର ଏଆରସିଏସ୍‌ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏଆରସିଏସ୍ ଦିନେ ଦୁଇଦିନ ମଧ୍ୟରେ ବୁଝିବେ ବୋଲି ପରୋକ୍ଷରେ ଉତ୍ତର ରଖିଥିଲେ। ଖୁବଶୀଘ୍ର ଉପରୋକ୍ତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ତେବେ ସୁଫଳ ନ ମିଳିଲେ ଚାଷୀମାନେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଚାଷୀ ସମସ୍ୟା ସହ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ବିଭିନ୍ନ ବ୍ଲକ ଅଞ୍ଚଳରେ ସଭ୍ୟ ସଂଖ୍ୟା ବୃଦ୍ଧି କରାଯିବା ଏବଂ ପରିବେଶ ସୁରକ୍ଷା, ଚାରାରୋପଣ ଓ ମୃତ୍ତିକା ସୁରକ୍ଷା ଭଳି ଅନେକ ଜନହିତକର କାର୍ଯ୍ୟ ହାତକୁ ନେବା ପାଇଁ ସମ୍ପାଦକ ଇଂ. ଜେନା ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଉପସଭାପତି ସାରଦା ରାୟ ଓ ଦିଲୀପ ରଥ, ଯୁଗ୍ମ ସମ୍ପାଦକ ଅଭୟ ସାମନ୍ତରାୟ, ବିନୋଦବିହାରୀ ମହାନ୍ତି, ବିଜନ ମହାପାତ୍ର, ଦିଲୀପ ବାରିକ, ବିପିନ ସ୍ୱାଇଁ,ପ୍ରଦୀପ୍ତ ମହାନ୍ତି, ରବି ବେହେରା,ସିଦ୍ଧାର୍ଥ ତ୍ରିପାଠୀ, ବିଚିତ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପାର୍ଥଶାଖା ପାଲଟା ସିଂହଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ମା’ମାହେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜଗତ୍‌ସିଂହପୁର, ୩୧।୩ (ପ୍ରମୋଦ କୁମାର ନାୟକ)

**ପାରମ୍ପରିକ ବାଦ୍ୟରୋଳ ସହ ଶୋଭାଯାତ୍ରା**

ଜଗତ୍‌ସିଂହପୁର ବ୍ଲକ ଅଣ୍ଡେଇସାହି ପଞ୍ଚାୟତ ଅନ୍ତର୍ଗତ ମହୀରା ଗ୍ରାମ ଦେବତୀ ଭାବେ ଜଣାଶୁଣା ମା’ମାହେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଲିଛି। ଏନେଇ ଅଧିବାସରେ କଳସ ଶୋଭାଯାତ୍ରା କରାଯାଇଥିଲା। ଘଣ୍ଟ ଘଣ୍ଟା ପାରମ୍ପରିକ ବାଦ୍ୟରୋଳ ମଧ୍ୟରେ ଅନୁଷ୍ଠିତ ଶୋଭାଯାତ୍ରାରେ ୬୫ଜଣ ମହିଳା ସାମିଲ ହୋଇଥିଲେ। ମହିଳାମାନେ ଦେବୀନଦୀ ତୁମ୍ବେଶ୍ୱର ଘାଟରୁ ଜଳ ଧାରଣ କରି ନୂଆପାରି ଓ ଭାତପଡ଼ା ଆଦି ଗ୍ରାମ ପରିକ୍ରମା ପରେ ମା’ମାହେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସାଲା ସିଦ୍ଧି, ମଣ୍ଡଳ ପୂଜା ଓ ବ୍ରାହ୍ମଣ ବରଣ ପରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ମନ୍ଦିର ପ୍ରତିଷ୍ଠା କରାଯାଇ ନୂତନ ମନ୍ଦିରରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମା’ମାହେଶ୍ୱରୀ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ତଥା ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭକ୍ତମାନେ।

## ଜିଡିସି ବ୍ଲାଷ୍ଟର, ସିରାଂଶ ସ୍ପୋର୍ଟିଂ ବିଜୟୀ

ପାରାଦୀପ,୩୧।୩(ଶରତ ରାଉତ)

**ପିସିଏଲ୍ ଟୁର୍ନାମେଣ୍ଟ**

ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ପିସିଏଲ୍ (ପାରାଦୀପ କ୍ରିକେଟ ଲିଗ୍) ଟୁର୍ନାମେଣ୍ଟ ରବିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଡିସି ବ୍ଲାଷ୍ଟର ଓ ସିରାଂଶ ସ୍ପୋର୍ଟିଂ ସେମାନଙ୍କ ପ୍ରତିପକ୍ଷଙ୍କୁ ହରାଇ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଜିଡିସି ବ୍ଲାଷ୍ଟର ଓ ପାରାଦୀପ ସୁପରକିଙ୍ଗ ମଧ୍ୟରେ ହୋଇଥିଲା। ଜିଡିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୩୯ ରନ କରିଥିଲା। ଜବାବ୍‌ରେ ସୁପରକିଙ୍ଗ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୮୬ ରନ କରି ୫୩ ରନରେ ପରାଜିତ ହୋଇଥିଲା। ଉକ୍ତ ମ୍ୟାଚରେ ଅର୍ପିତ ସତ୍ୟମ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ସିରାଂଶ ଓ ଜିପିସିଆଇ ମଧ୍ୟରେ ହୋଇଥିଲା। ଏଥିରେ ଜିପିସିଆଇ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୧୮ ରନ କରିଥିଲା। ଜବାବ୍‌ରେ ସିରାଂଶ ୯.୫ ଓଭରରେ ୨ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚରେ ଅମିତ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ।



ଅର୍ପିତ ସତ୍ୟମ ମହାନ୍ତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

# ବିଜେଡିରେ ଆଶାୟୀ ସଂଖ୍ୟା ବଢ଼ି ଚାଲିଛି

ଜଗତ୍‌ସିଂହପୁର, ୩୧।୩
(ପ୍ରମୋଦ କୁମାର ନାୟକ)



ସୌମ୍ୟଜିତ ମହାପାତ୍ର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

**ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ**

**ପ୍ରାର୍ଥୀ ହେବାକୁ ସୌମ୍ୟଜିତଙ୍କ ଆବେଦନ**

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଆଶାୟୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ବିଧାୟକ ଅଛନ୍ତି। ସେ ଏଥର ପୁଣିଥରେ ବିଜେଡି ପ୍ରାର୍ଥୀ ହେବା ପାଇଁ ପ୍ରମୁଖ ଦାବିଦାର ଥିବାବେଳେ ଅନ୍ୟ କେତେଜଣ ମୁଣ୍ଡ ଟେକିଛନ୍ତି। ରବିବାର ଜଗତ୍‌ସିଂହପୁର ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର (ଟିଙ୍କୁ) ବାଲିକୁଦା ଅଞ୍ଚଳର କେତେଜଣ ସରପଞ୍ଚ, ସମିତି ସଭ୍ୟ ଓ ବହୁ ସମର୍ଥକଙ୍କ ସହ ନବୀନ ନିବାସକୁ ଯାଇ ପ୍ରାର୍ଥୀ ହେବା ପାଇଁ ନିଜର ପକ୍ଷ ରଖିଛନ୍ତି। ଏହି ଅବସରରେ ସେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ଓ ବାୟୋଡାଟା ଦେଇଛନ୍ତି। ମହାପାତ୍ର କହିଛନ୍ତି, ସେ ବାଲିକୁଦା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରୁ ରାଜନୀତି କ୍ୟାରିଅର ଆରମ୍ଭ କରି ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମଧ ହୋଇଥିଲେ। ୨୦୧୭ରୁ ୨୦୨୨ ମଧ୍ୟରେ ବାଲିକୁଦା ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବଡ କଥା ହେଲା, ସେ ଏହି ନିର୍ବାଚନରେ ନିର୍ବାଚନ ମଣ୍ଡଳୀର ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ। କିନ୍ତୁ ଦଳ ତାଙ୍କୁ ବ୍ଲକ ଅଧ୍ୟକ୍ଷ କରି ନ ଥିଲା। ୨୦୧୯ ସାଧାରଣ ନିର୍ବାଚନ ପରେ ତାଙ୍କୁ ଜିଲା ଯୁବ ବିଜେଡି ସଭାପତି ପଦ ମିଳିଥିଲା। ସେବେଠାରୁ ସେ ଏ ପର୍ଯ୍ୟନ୍ତ ଏହି ପଦବୀରେ ସକ୍ରିୟଭାବେ କାମ କରୁଛନ୍ତି। ନିର୍ବାଚନ ମଣ୍ଡଳୀ ଲୋକ ଏକ ଯୁବ ନେତୃତ୍ୱ ଚାହୁଁଛନ୍ତି। ଲୋକଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ସେ ଏଥର ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାୟୀ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ଆସନରୁ ପ୍ରାର୍ଥୀ ହେବା ପାଇଁ ସାରଦା ଜେନା, ସୀଖା ଉମେଶ ସ୍ୱାଇଁ, ସବିତା ସ୍ୱାଇଁ, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଆଶାୟୀ ଅଛନ୍ତି। ଏହାବାଦ୍ ଜିଲା ତଥା ରାଜ୍ୟର ଜଣାଶୁଣା ନେତା ଚିରଞ୍ଜୀବ ବିଶ୍ୱାଳ ଶନିବାର କଂଗ୍ରେସ ଛାଡି ରବିବାର ବିଜେଡିରେ ମିଶିଛନ୍ତି। ସେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା କୁହାଯାଉଛି। ଯଦି ଦଳ ତାଙ୍କୁ ଏହି ଆସନରୁ ପ୍ରାର୍ଥୀ କରେ ତେବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଦଳ କେଉଁଠି ଥାପିବ ତାହା ଆଲୋଚନାର ବିଷୟ ହୋଇଛି। ମୁଦୁଲି ମଧ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ହୋଇଥିବାରୁ ସେ ଏଠାରୁ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିବା ବିଚିତ୍ର କଥା ନୁହେଁ। ଏସବୁ ଦେଖିଲେ ଜଣାଯାଏ ବାଲିକୁଦା-ଏରସମା ବିଧାନସଭା ଆସନଟି ଏକପ୍ରକାର ଗୋଳମାଳିଆ ଅବସ୍ଥାରେ ରହିଛି। ଆଗକୁ ଦେଖିବାର ଅଛି ଦଳ କାହା ଉପରେ ଆସ୍ଥା ପ୍ରକଟ କରୁଛି ।



୫୩ନଂ. ଜାତୀୟ ରାଜପଥର ପାରାଦୀପଗଡ଼ ଗେଟ୍ ବଜାର ପାଖରେ ଜଣେ ବାଉଁଶ କାରିଗର ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।



ପାରାଦୀପ ଏନ୍‌ଏସି ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପରିବେଶ ସନ୍ତୁଳନ ପାଇଁ ସ୍କୁଲ ପରିସରରେ ଫୁଲତୋଡା ତିଆରି କରୁଛନ୍ତି। (ଫଟୋ- ଶରତ ରାଉତ)

**ସଂକ୍ଷେପରେ**

## ଗଞ୍ଜେଇ ସହ ୨ଦେଶୀବନ୍ଧୁକ ଜବତ



ବାଲିଗୁଡା,୩୧।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ବାଲିଗୁଡା ପୋଲିସ ରବିବାର ପାଟ୍ରୋଲିଂ କରୁଥିବା ବେଳେ ୧୫୦୪ କେଜି ଗଞ୍ଜେଇ ସହ ଦୁଇଟି ଦେଶି ବନ୍ଧୁକକୁ ଜବତ କରିଛି। ବାଲିଗୁଡା ଥାନା ଅନ୍ତର୍ଗତ ମୁସୁକୁଲି ଜଙ୍ଗଲ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଗଞ୍ଜେଇ ସହ ଦୁଇଟି ଦେଶୀ ବନ୍ଧୁକକୁ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ୪ ଜଣ ଗଞ୍ଜେଇ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ଏ ନେଇ ବାଲିଗୁଡା ପୋଲିସ ନଂ.୮୪/୨୪ରେ ଏକ ମକଦ୍ଦମା ରୁଜୁ କରି ଫେରାର ହୋଇଥିବା ଗଞ୍ଜେଇ ବ୍ୟବସାୟୀଙ୍କୁ ଶୀଘ୍ର ଧରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି।

## ରାଇକିଆରେ ଯିଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପର୍ବ

ରାଇକିଆ,୩୧।୩(ପ୍ରଦୀପ ବେହେରା)

ରାଇକିଆସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଶନିବାର ମଧ୍ୟରାତ୍ରିରେ ଏବଂ ରବିବାର ସକାଳୁ ଦୁଇଦିନ ଧରି ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ପୁନରୁତ୍ଥାନ ପର୍ବ ପାଳନ କରାଯାଇଛି। ରାଇକିଆ ପ୍ୟାରିସ ଚର୍ଚ୍ଚ ମୁଖ୍ୟ ଧର୍ମଯାଜକ ପ୍ରଦୋଷ ଚନ୍ଦ୍ର ନାୟକ ଏବଂ ସହଯାଜକ ପୁରୁଷୋତ୍ତମ ନାୟକ, ଯାଜକ ଜେରେମ ନାୟକ ପବିତ୍ର ବାଇବେଲ ପଠନ କରିଥିଲେ। ପୃଥିବୀବାସୀ ଏବଂ ଅଞ୍ଚଳବାସୀଙ୍କ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଛି ଏବଂ ଏହି ପୁନରୁତ୍ଥାନ ପର୍ବର ବିଦ୍ୟାଯଜ୍ଞ ଉତ୍ସର୍ଗ କରାଯାଇଛି। ଯିଶୁଙ୍କ ପୁନରୁତ୍ଥାନ ଦ୍ୱାରା ଖ୍ରୀଷ୍ଟବିଶ୍ୱାସୀ ଏକ ନୂତନ ଜୀବନ ଲାଭ କରିବା ସହ ଅନନ୍ତ ଜୀବନ ପାଇବାର ଯୋଗ୍ୟ ହୋଇପାରିଲେ। ଏ କାର୍ଯ୍ୟକ୍ରମକୁ ରାଇକିଆ ମଣ୍ଡଳୀ କର୍ମକର୍ତ୍ତା ପରିଚାଳନା କରିଥିଲେ। ଯୁବଗୋଷ୍ଠୀଙ୍କ ଦ୍ୱାରା ବିଦ୍ୟାଯଜ୍ଞକାଳୀନ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ କମିଟିର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସେହିପରି ମଣ୍ଡସରୁ ପାରିସ୍ ସ୍ଥାନୀୟ କ୍ୟାଥୋଲିକ୍ ଚର୍ଚ୍ଚରେ ମଧ୍ୟ ଏହି ପର୍ବ ପାଳନ କରାଯାଇଛି।

## କେତେ ଦୁଃଖ ଦେବୁ ଦେ'ରେ କାଳିଆ ମଞ୍ଚସ୍ଥ

ବୁଗୁଡା,୩୧।୩(କାଳିଚରଣ ଦାଶ)

ପବିତ୍ର ଦଣ୍ଡଯାତ୍ରା ଉପଲକ୍ଷେ ବୁଗୁଡାର ମହାମାୟୀ ନାଟ୍ୟ ସଂଘ ପକ୍ଷରୁ ସାମାଜିକ ନାଟକ 'କେତେ ଦୁଃଖ ଦେବୁ ଦେରେ କାଳିଆ' ସ୍ଥାନୀୟ ବଡଦାଣ୍ଡଠାରେ ଶନିବାର ରାତିରେ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ସର୍ବେଶ୍ୱର ଦାଶଙ୍କ ନିର୍ଦ୍ଦେଶିତ ଉକ୍ତ ନାଟକର ଉଦ୍‌ଘାଟନୀ ଉତ୍ସବରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ବିଜେଡି ନଗର ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୋଲସରା ସମୀର ଚିତ୍ରାଳୟର ଆକର୍ଷଣୀୟ ଆଲୋକସଜ୍ଜା ସାଙ୍ଗକୁ ପ୍ରତାପ ଓ ମୁନିଙ୍କ ସଙ୍ଗୀତ ପରିବେଷଣରେ ଅନୁଷ୍ଠିତ ଉକ୍ତ ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଉକ୍ତ ନାଟକ ପରିଚାଳନାରେ ଶରତ ଚନ୍ଦ୍ର ମହାରଣା, ରମଣ ନାହାକ, ବସନ୍ତ ସ୍ୱାଇଁ, ଦୁଃଖା ପାତ୍ର, ଦିଲ୍ଲୀପ ସ୍ୱାଇଁ ପ୍ରମୁଖଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା।

## ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚିତ

ଜି.ଉଦୟଗିରି ୩୧।୩(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ବରିଷ୍ଠ ଆଇନଜୀବୀ ନିର୍ବାଚନ କେଶରୀ ଭୋଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ମନୋଜ କୁମାର ସାମଲ, ସମ୍ପାଦକ ଭାବେ ଅଜିତ କୁମାର ଦିଗଲ, କୋଷାଧ୍ୟକ୍ଷ ଭାବେ ବ୍ରଜ ମୋହନ ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିକୁ ସୁକାନ୍ତ ପାଣିଗ୍ରାହୀ, ଶରତ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ପୁଷ୍ପଶ୍ରୀ ରାଉତରାୟ ନିର୍ବାଚନ ପରିଚାଳନା କରିଥିଲେ।

# କନ୍ଧମାଳ ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ଦଳୀୟ ବିରୋଧ

ଫୁଲବାଣୀ, ୩୧।୩(ରାକେଶ କୁମାର ରାଉତ)


ଖବରଦାତା ସମ୍ମିଳନୀରେ ଏମ୍‌ପି ଆଶାୟୀ ପ୍ରାର୍ଥୀ।

- ସମୟ ଅଛି, ପ୍ରାର୍ଥୀ ବଦଳାନ୍ତୁ
- ଲକ୍ଷ୍ମଣ ସେନା ନାଁରେ ସ୍ୱାଧୀନ ପ୍ରାର୍ଥୀ ଦିଆଯିବ

କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଭାବେ ଭାଜପା ସୁକାନ୍ତ ପାଣିଗ୍ରାହୀଙ୍କ ନାମ ଘୋଷଣା କରିଛି । ଏହାକୁ ନେଇ ଜିଲା ଭାଜପା ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ବାରମ୍ବାର ହାରୁଥିବା ଜଣେ ପ୍ରାର୍ଥୀଙ୍କୁ କାହିଁକି ସୁଯୋଗ ଦିଆଯାଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ଏବେ ବି ସମୟ ଅଛି । ରାଜ୍ୟ ଭାଜପା ସଭାପତି ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରାର୍ଥୀ ବଦଳାନ୍ତୁ। କନ୍ଧମାଳ ଜିଲାର ଦଳୀୟ ନେତା, କାହାକୁ ବି ପ୍ରାର୍ଥୀ କରନ୍ତୁ । ନ ହେଲେ ଆଗାମୀ ଦିନରେ ଏହାକୁ ବିରୋଧ କରାଯିବ । ଲକ୍ଷ୍ମଣ ସେନା ନାଁରେ ସ୍ୱାଧୀନ ପ୍ରାର୍ଥୀ ଦିଆଯିବ ବୋଲି ରବିବାର ଫୁଲବାଣୀରେ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାନେତ୍ରୀ ତଥା ଫୁଲବାଣୀ ପୌରପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଯୋଗଦେଇ କହିଛନ୍ତି, ଆମ ଜିଲାରେ ବହୁ ଭଲ ପ୍ରାର୍ଥୀ ଅଛନ୍ତି। କନ୍ଧମାଳ ଏକ ଥଇଥାନ କେନ୍ଦ୍ର ନୁହେଁ । ଯିଏ ଯୋଉଠୁ ଆସିବ ତାକୁ ଆମେ ସମର୍ଥନ କରିବୁ । ଆମ ଜିଲାରୁ ବହୁ ଏମ୍‌ପି ଆଶାୟୀ ପ୍ରାର୍ଥୀ ରାଜ୍ୟ ସଭାପତିଙ୍କ ପାଖରେ ଆବେଦନ କରିଥିଲେ, ହେଲେ ସେସବୁକୁ ଅଣଦେଖା କରାଗଲା । ପ୍ରକୃତରେ କେନ୍ଦ୍ର ପାଖରେ ଏସବୁ ତଥ୍ୟ ପହଞ୍ଚୁ ନାହିଁ। ତୃଣମୂଳ ସ୍ତରରେ ଆମେ ଖଟିବୁ । ବାହାରୁ ଆସି ସେମାନେ ଲଢ଼ିବେ। ଯେଉଁ ବ୍ୟକ୍ତିଙ୍କୁ ଦଳ ଟିକେଟ ଦେଇଛି, ସେ ପୂର୍ବରୁ ଏଠି ଲଢ଼ି ନିଜ ଅମାନତ ହରାଇଛନ୍ତି। ତେଣୁ କେଉଁ ଆଧାରରେ ତାଙ୍କୁ ଟିକେଟ ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି।

ସେହିପରି ଅନ୍ୟତମ ଆଶାୟୀ ପ୍ରାର୍ଥୀ ସ୍ୱରୁପାନନ୍ଦ ପଟ୍ଟନାୟକ କହିଛନ୍ତି, ଆମେ ଦଳର ଶୃଙ୍ଖଳିତ କର୍ମୀ । ଦଳ ସୁକାନ୍ତ ପାଣିଗ୍ରାହୀଙ୍କୁ ଏମ୍‌ପି ପ୍ରାର୍ଥୀ କରିଛି, ଯାହାକୁ ଜିଲାର ଲୋକେ ଗ୍ରହଣ କରି ପାରୁନାହାନ୍ତି। ଆମେ ଏବେ ବି କହୁଛୁ ପ୍ରାର୍ଥୀଙ୍କୁ ତୁରନ୍ତ ବଦଳାଯାଉ। ୨୦୧୪ରେ ସେ ଏମ୍‌ପି ପ୍ରାର୍ଥୀ ହୋଇ ହାରିଥିଲେ। ତାଙ୍କୁ କେଉଁ ଆଧାରରେ ପ୍ରାର୍ଥୀ କରାଗଲା । କେନ୍ଦ୍ରକୁ ଭୁଲ୍ ତଥ୍ୟ ଦିଆଯାଇ ତାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଆମ ଜିଲାରେ ବହୁ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି । ମେଣ୍ଟ ଭାଙ୍ଗିଥିଲେ ବି ଭିତିଭିତିଆ ହୋଇଛି। ଦଳ ନିଜର ଆଭିମୁଖ୍ୟ ଅଥବା ପ୍ରାର୍ଥୀଙ୍କୁ ନ ବଦଳାଇଲେ ଆମେ ଲକ୍ଷ୍ମଣ ସେନା ନାଁରେ ସ୍ୱାଧୀନ ପ୍ରାର୍ଥୀ ଦେବୁ ବୋଲି ସେ କହିଛନ୍ତି । ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଭାଜପା ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଓ ସ୍ୱରୂପାନନ୍ଦ ପଟ୍ଟନାୟକ, ଫୁଲବାଣୀ ନଗର ସଭାପତି ସୁଶାନ୍ତ ମହାନ୍ତି, ପ୍ରଣବ କୁମାର ନାୟକଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ଓଡ଼ଗାଁ ବ୍ଲକରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତା

ଓଡ଼ଗାଁ,୩୧।୩ (ଆଦର୍ଶ କୁମାର ପଟ୍ଟନାୟକ)

ରବିବାର ସଜନିକା ପରିଷଦ, ନୟାଗଡ଼ ଆନୁକୂଲ୍ୟରେ ଓଡ଼ଗାଁ ଇନଡୋର୍ ଷ୍ଟାଡିୟମ ପରିସରରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ କାର୍ଯ୍ୟକ୍ରମର ପ୍ରଥମ ଅଡିଶନ ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଉଦ୍‌ଘାଟନ କରିଥିବାବେଳେ ନିଜ ବକ୍ତବ୍ୟରେ ଓଡ଼ଗାଁ ବ୍ଲକର ନଟୀଶିଳ୍ପୀମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ସଜନିକା ଅନୁଷ୍ଠାନ ପକ୍ଷରୁ ଏଭଳି ସୁନ୍ଦର ଯୋଜନା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତି ନିର୍ଦ୍ଦେଶକ ତଥା କ୍ରୀଡ଼ାବିତ୍ ଦିବାକର ନାୟକ, ବିଶିଷ୍ଟ ସାମାଜିକ କର୍ମୀ ଦାମୋଦର ସାହୁ, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, ଆଦର୍ଶ କୁମାର ପଟ୍ଟନାୟକ,ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ,ବ୍ୟଙ୍ଗକବି ଭାଗ୍ୟଗ୍ରାହୀ ମହାପାତ୍ର, ଯୁବକବି ଯଶୋବନ୍ତ ପଟ୍ଟନାୟକ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସର୍ବପ୍ରଥମେ ଶିକ୍ଷକ ବୁଦ୍ଧିଆ ପାତ୍ର, ମହନ୍ତ କୁମାର ସେଠୀ ଓ ପ୍ରିୟଦର୍ଶିନୀ ମହାପାତ୍ରଙ୍କ ଦ୍ୱାରା ୫୦ ଜଣ ପ୍ରତିଯୋଗୀ ପଞ୍ଜୀକୃତ ହେବା ପରେ ଉକ୍ତ ପ୍ରତିଯୋଗିତାରେ ସୁତପା ଶୁଭଦର୍ଶିନୀ,ମୋକ୍ଷଦା ମନସ୍ୱିନୀ,ନୈନିତା ତନୟା,ସାଇପ୍ରଜ୍ଞା ଖାଡ଼ଙ୍ଗା,ପ୍ରିୟାଂଶୀ ପଣ୍ଡା ଓ ତମନା ପଟ୍ଟନାୟକ ପ୍ରମୁଖ ବିଚାରକମାନଙ୍କ ଦ୍ୱାରା ସେମିଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଶେଷରେ ସଜନିକା ପରିଷଦର ସଭାପତି ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିବା ପରେ ସଚିବ ନିର୍ମଳଚନ୍ଦ୍ର ଶୁରଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆକାଶ ତଳେ ଅଗ୍ନି ବିପନ୍ନ ପରିବାର


ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ।

ପୋଲସରା,୩୧।୩(ସୁବ୍ରତ ବେହେରା)

**ବିଜେଡିର ବାଣନିଆଁରେ ୩ ପରିବାରର ଘର ଜଳିବା ଘଟଣା**

- ଅନ୍ଧାରରେ ବିତୁଛି ଅନେକ ପରିବାରଙ୍କ ଜୀବନ
- ସରକାରଙ୍କ ପକ୍ଷରୁ ବାସଗୃହ ଯୋଗାଇ ଦେବାକୁ ଦାବି

ଗଞ୍ଜାମ ଜିଲା ପୋଲସରା ଏନ୍‌ଏସି ବ୍ରାହ୍ମଣ ସାହି ଛକ ନିକଟ ଦେଉଳପେଡି ହରିଜନ ବସ୍ତିରେ ବାସ କରୁଥିବା ୩ ହରିଜନ ପରିବାରର ଘର ବିଜେଡି ବାଣନିଆଁରେ ଜଳିଯାଇଛି।

ବିଜେଡିର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଟିକେଟ ଘୋଷଣାକୁ ନେଇ ବୁଧବାର ସମର୍ଥକମାନେ ପୋଲସରାରେ ବାଣ ଫୁଟାଇ ଉତ୍ସାହ ପାଳନ କରିଥିଲେ। ସହରରେ ବାଣ ଫୁଟାଇବା ବେଳେ ଦେଉଳପେଡି ହରିଜନ ସାହିରେ ବାସ କରୁଥିବା ସୁମନ୍ତ ନାୟକ, ପ୍ରଶାନ୍ତ ନାୟକ ଓ ରାମ ନାୟକ ଏହି ୩ ଜଣ ପରିବାରଙ୍କ ଚାଳଘରେ ନିଆଁ ଲାଗିଯାଇଥିଲା। ଫଳରେ ଘର ଭିତରେ ଥିବା କାଗଜ ପତ୍ର, ଟଙ୍କା ଓ ସମସ୍ତ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଥିଲା। ବର୍ତ୍ତମାନ ଖୋଲା ଆକାଶତଳେ ପଡ଼ି ରହିଛନ୍ତି ତିନି ପରିବାରର ଲୋକେ। ପୋଲସରା ପ୍ରଶାସନ ପକ୍ଷରୁ ତିନି ପରିବାରକୁ ପାଟଣାପଦର ମହିଳା ମିଶନ ଶକ୍ତି ଗୃହରେ ରଖାଯିବା ସହ ତିନି ପଲିଥିନ ଓ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ତହସିଲଦାର ରୁବି ବେହେରା କହିଛନ୍ତି। ସରକାରଙ୍କ ପକ୍ଷରୁ ବାସଗୃହ ଯୋଗାଇ ଦେବାକୁ ଦାବି କରିଛନ୍ତି ତିନି ପରିବାର।

## କାଥୋଲିକ ଚର୍ଚ୍ଚ ପକ୍ଷରୁ ପୁନରୁଥାନ ପର୍ବ ପାଳନ

ବ୍ରାହ୍ମଣୀଗାଁ,୩୧।୩ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ କାଥୋଲିକ ଚର୍ଚ୍ଚ ପକ୍ଷରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ପର୍ବକୁ ରବିବାର ପାଳନ କରାଯାଇଛି। ଏହି ଅବସରରେ ଲୁର୍ଦ୍ଧୁମେରୀ ଗ୍ରାମ୍ୟ ପରିଚାଳନା କମିଟିର ନେତୃତ୍ୱରେ ଶନିବାର ମଧ୍ୟ ରାତ୍ରୀ କାଳୀନ ଉପାସନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଚର୍ଚ୍ଚର ମୁଖ୍ୟ ଯାଜକ ବିମଳ ଚନ୍ଦ୍ର ନାୟକ ପୂଜା ବିଧି ସମ୍ପାଦନ କରିଥିଲେ। ସହକାରୀ ଯାଜକ ରଶ୍ମୀକାନ୍ତ ସିଂ ବାଇବଲରୁ ପ୍ରଭୁଙ୍କ ବାକ୍ୟ ପରିବେଷଣ କରିଥିଲେ। ପୁନରୁଥାନ କାର୍ଯ୍ୟକ୍ରମରେ ବାଲିଗୁଡ଼ାରୁ ଧର୍ମ ଯାଜକ ମନୋରଞ୍ଜନ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମନୁଷ୍ୟ ଯଦି ପୃଥିବୀର ସମସ୍ତ ଧନ ସମ୍ପଦ, ମାନ ସମ୍ମାନ, ସମସ୍ତ ଭୋଗ ବିଳାସ ହାସଲ କରି ଯଦି ନିଜ ଆତ୍ମା ଓ ଜୀବନରେ ଶାନ୍ତି ହରାଏ ତେବେ କଣ ଲାଭ ଅଛି ? ଏହି ସମ୍ପର୍କରେ ବୁଝାଇଥିଲେ। ଥାନାଧିକାରୀ ଚିରଞ୍ଜିବୀ ବେହେରାଙ୍କ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଆଦିବାସୀଙ୍କ ପାରମ୍ପରିକ ପେନୁଗୁଲୁ ପୂଜା



ସୋରଡା,୩୧।୩(ଲମ୍ବୋଦର ପାଣିଗ୍ରାହୀ)

ସୋରଡା ବ୍ଲକ ଆଦିବାସୀ ବହୁଳ ଗୋଛା ପଞ୍ଚାୟତ ପିପଲପଙ୍କା ଗ୍ରାମ ନିକଟରେ ରବିବାର ଆଦିବାସୀଙ୍କ ପାରମ୍ପରିକ ଜଙ୍ଗଲ ପୂଜା 'ପେନୁଗୁଲୁ' ଅନୁଷ୍ଠିତ ହୋଇଯାଇଛି। ଅଶୁରବନ୍ଧ, ଗାଜଲବାଡି, ଗୋଛା ପଞ୍ଚାୟତର ସମସ୍ତ ଗ୍ରାମର ଜନତା ଯୋଗଦେଇଥିଲେ। ବର୍ଷସାରା ଆଦିବାସୀମାନେ ଜଙ୍ଗଲ ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ତେଣୁ ଜଙ୍ଗଲକୁ ନିଜ ମା' ଭାବରେ ସେମାନେ ମାନିଥାନ୍ତି। ସେହି ଦୃଷ୍ଟିକୋଣରୁ ଗୋଟିଏ ଦିନ ସେଠାରେ ଜଙ୍ଗଲ ମଧ୍ୟରେ ସମସ୍ତ ପରିବାର ଏକତ୍ରିତ ହୋଇ ହୋମ, ପୂଜା, ନାମ ସଙ୍କୀର୍ତ୍ତନ କରିଥାନ୍ତି। ନୃତ୍ୟ ଗୀତର ଆସର ଜମେଇ ଖୁସି ମନେଇଥାନ୍ତି। ରବିବାର ପେନୁଗୁଲୁ ପୂଜାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ଜିଲା ପରିଷଦ ରାଜେଶ ସାହୁ, କାଉନସିଲର ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଟୁପୁଲା ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଇଲେକ୍ଟୋରାଲ ବଣ୍ଡ୍: ବିଜେଡି, ଭାଜପାକୁ ଟାର୍ଗେଟ କଲା କଂଗ୍ରେସ

ଫୁଲବାଣୀ, ୩୧।୩(ରାକେଶ କୁମାର ରାଉତ)



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

ନିକଟରେ ଇଲେକ୍ଟୋରାଲ ବଣ୍ଡକୁ ନେଇ ଦେଶରେ ତୁମ୍ଭିତୋଫାନ ଚାଲିଛି। ଗୋଟିଏ ଗୋଟିଏ କମ୍ପାନି ଟର୍ନଓଭର ନ ଥାଇ ତା'ଠୁ ଅଧିକ ଚାନ୍ଦା ଇଲେକ୍ଟୋରାଲ ବଣ୍ଡରେ କେନ୍ଦ୍ର ଭାଜପା ସରକାରଙ୍କୁ ଦେଇଛନ୍ତି। ଖାଲି ଭାଜପା ନୁହେଁ, ବିଜେଡି ମଧ୍ୟ ଏହା ନେଇଛି ବୋଲି ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କହିଛି। ଏଥିସହ ଏହି ଘଟଣାରେ ଉଭୟ ଭାଜପା ଏବଂ ବିଜେଡିକୁ କଂଗ୍ରେସ ଟାର୍ଗେଟ କରିଛି।

ଏହି ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା ଯୋଗଦେଇ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଆଦାୟ ହୋଇଥିବା ଅର୍ଥରେ ବିଜେଡି ଦେଶର ପଞ୍ଚମ ସ୍ଥାନରେ ରହିଛି। କେନ୍ଦ୍ରର ଭାଜପା ସରକାର ଇଡି, ସିବିଆଇ ଓ ଆଇଟିକୁ ଲଗାଇ ଚାନ୍ଦା ଅସୁଲି କରୁଥିବା ବେଳେ ଅନ୍ୟାୟୋଚିତ ଭାବେ କଂଗ୍ରେସର ଆକାଉଣ୍ଟ ବନ୍ଦ କରିଛି। ବିଜେଡି ମଧ୍ୟ ବିଭିନ୍ନ କମ୍ପାନିଙ୍କୁ ବେଆଇନ ଫାଇଦା ଯୋଗାଇ ଚାନ୍ଦା ସଂଗ୍ରହ କରିଛି ବୋଲି ସେ ସୂଚନା ଦେଇଛନ୍ତି। ଏପରିକି ମଦ ବ୍ୟବସାୟୀଙ୍କଠାରୁ ମଧ୍ୟ ଚାନ୍ଦା ନିଆଯାଇଥିବା କଂଗ୍ରେସ ନେତା ଅଭିଯୋଗ ଆଣିଛନ୍ତି। ଏହିସବୁ ଚାନ୍ଦା ପ୍ରଦାନକାରୀ ସଂସ୍ଥାମାନଙ୍କୁ ସରକାର କ'ଣ ଫାଇଦା ପହଞ୍ଚାଇଛନ୍ତି ତାହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ଜିଲା ଉପସଭାପତି ହେମନ୍ତ କର, ବ୍ଲକ ସଭାପତି ପ୍ରତିଭା କହଁର, ଆଇଏନ୍‌ଟିୟୁସି ଜିଲା ସଭାପତି ଘନକୁମାର ଶବର, ମିଡିଆ ସେଲ ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀ, ନନ୍ଦ କିଶୋର ଦାଶ, ଗୌର ଚରଣ ବେହେରା, ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଣ୍ଡିପଙ୍କା ପାଷ୍ଟରେଟର ବାର୍ଷିକ ଗସିସଭା

ବ୍ରାହ୍ମଣୀଗାଁ,୩୧।୩ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ହାତିମୁଣ୍ଡା ପଞ୍ଚାୟତର ପିଡଡ଼ମହାଠାରେ ଟ୍ରାଇବଲ ଡାଇସେସ ଅଫ କନ୍ଧମାଳର ମାଣ୍ଡିପଙ୍କା ପାଷ୍ଟରେଟ ପକ୍ଷରୁ ବର୍ଷିକ ଗସି ସଭା ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶପ ଶରତ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ନିରଞ୍ଜନ ତୁରୁକ ଯୋଗ ଦେଇ 'କାରଣ ଅତି ଅଳ୍ପ ସମୟ ମାତ୍ର, ଯାହାଙ୍କ ଆଗମନ କରିବାର ଅଛି ସେ ଆଗମନ କରିବେ ଓ ବିଳମ୍ବ କରିବେ ନାହିଁ ' ବାଇବଲର ଏହି ପ୍ରସଙ୍ଗ ଉପରେ ବାକ୍ୟ ପରିବେଷଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ଆଚାର୍ଯ୍ୟ ସଞ୍ଜୀବ କୁମାର ସିଂ, ଯୁବ ଆବାହକ କିରସା ମାଝୀ, କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରତାପ ବେହେରା ମାଝୀ, ଭଣ୍ଡାର ଘରୀଆ ସାମସନ ମଲ୍ଲିକ, ଉପସଭାପତି ଉଇଲିୟମ ଦିଗାଲ, ଗାୟକ ଆକାଶ ଡେଭିଡ ପ୍ରମୁଖ ମଞ୍ଚାସୀନ କରିଥିଲେ। ଆୟୋଜକ କମିଟିର ସଭାପତି ପ୍ରକାଶ ମଲ୍ଲିକ, ସମ୍ପାଦକ ରୁବେଙ୍ଗା ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଆଚାର୍ଯ୍ୟ ସଞ୍ଜୀବ କୁମାର ସିଂ ମଞ୍ଚ ପରିଚାଳନା କରିଥିଲେ। ଗାୟକ ଆକାଶ ଡେଭିଡଙ୍କ ସଙ୍ଗୀତ ଦଳ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୮ ପଞ୍ଚାୟତର ୧୮ ଗୋଟି ମଣ୍ଡଳୀବାସୀ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ

ଗଞ୍ଜାମ,୩୧।୩(ବିଦ୍ୟାଧର ସାହୁ)

ଗଞ୍ଜାମ ସହରସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଭାରତୀ ବିଦ୍ୟାପୀଠ ୧୯୮୪ ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ର ତଥା ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିପ୍ରଚରଣ ବିଶୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସୁରେଶ ମହାପାତ୍ର, ଅଶୋକ କୁମାର ବେହେରା, ପ୍ରଦୀପ୍ତ ପ୍ରତାପ ପଟ୍ଟନାୟନ, ଫକୀର ପଟ୍ଟନାୟକ, ରାକେଶ କୁମାର ଦାଶ, ପ୍ରମୋଦ ପାଣିଗ୍ରାହୀ, ବିକ୍ରମ ବେହେରା, କମଳଲୋଚନ ବେହେରା, ନୃସିଂହ ପାଢ଼ୀ, ଦୁଃଖୀଶ୍ୟାମ ଗୌଡ଼, ମହେନ୍ଦ୍ର ପଣ୍ଡା, ସତ୍ୟ ନାରାୟଣ ବେହେରା, ହରିବନ୍ଧୁ ସାହୁ, ଜଗନ୍ନାଥ ବେହେରା, ବିଶ୍ୱନାଥ ସାମନ୍ତରା, ରାଜେନ୍ଦ୍ର ସେନାପତି, ଗାନ୍ଧୀ ପଟ୍ଟନାୟକ, ଶ୍ରୀଧର ବେହେରା, ରମେଶ ନାୟକ, ଜଗନ୍ନାଥ ଦାଶ, ଲୋକନାଥ ବେହେରା, ମହେନ୍ଦ୍ର ବେହେରା, ନିତେଇ ବାରିକ, ନାରାୟଣ ପଣ୍ଡା, ଦିବାକର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



## ଭୁଶୁଡ଼ିବ ବାହାଡ଼ାଗୁଡ଼ା କେନାଲ ସେତୁ

ଧରାକୋଟ,୩୧।୩ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଢଉଗାଁ ପଞ୍ଚାୟତ ଅଧିନସ୍ଥ ବାହାଡ଼ାଗୁଡା ଗାଁକୁ ଜାତୀୟ ରାଜପଥରୁ ସଂଯୋଗ କରୁଥିବା ଋଷିକୁଲ୍ୟା କେନାଲ ସେତୁ ଜରାଜୀର୍ଣ୍ଣ ସ୍ଥିତିରେ ପହଞ୍ଚିଛି। ଦୀର୍ଘ ବର୍ଷ ପୂର୍ବରୁ ଋଷିକୁଲ୍ୟା ମୁଖ୍ୟ କେନାଲ ଉପରେ ଏହି ସେତୁ ନିର୍ମାଣ ହୋଇଛି । ଢ଼ଉଗାଁ ଦିଗପହଣ୍ଡି ମୁଖ୍ୟ ରାସ୍ତାରୁ ଗାଁ ଭିତରକୁ ଯିବାପାଇଁ ଏହା ଏକ ମାତ୍ର ରାସ୍ତା । ପ୍ରାୟ ତିନି ଶହରୁ ଅଧିକ ପରିବାର ବାସ କରୁଥିବା ଏହି ଗାଁର ଲୋକେ ଏହି ସେତୁ ଦେଇ ଯାଉଥିବାରୁ ଏହାର ଗୁରୁତ୍ୱ ବେଶ ଅଧିକ। ଭଞ୍ଜନଗର ଜଳସେଚନ ବିଭାଗ ଅଧିନରେ ରହିଥିବା ଋଷିକୁଲ୍ୟା କେନାଲ ଉପରେ ଏହି ସେତୁ ପ୍ରାୟ ପଚାଶ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ଦୀର୍ଘ ଦିନ ବିତିଥିଲେ ମଧ୍ୟ ଏହାର ପୁନଃ ନିର୍ମାଣ ପାଇଁ ଜଳସେଚନ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଉନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

# ଆବର୍ଜନାରେ ପରିପୂର୍ଣ୍ଣ ଖ' ଝାଲରସିଂ ପଞ୍ଚାୟତ

ନୂଆଗଡ଼,୩୧।୩(ଯୋଗ୍ୟବନ୍ତ ପରିଛା)


ରାସ୍ତାପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନା।

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖ' ଝାଲରସିଂ ପଞ୍ଚାୟତ ଖ' ଝାଲରସିଂ ଗ୍ରାମର ଚତୁଃପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି। ଝାଲରସିଂ ଗ୍ରାମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ। ଏହି ଗ୍ରାମରେ ୨ ହଜାରରୁ ଊର୍ଦ୍ଧ୍ୱ ଜନଜାତି ବାସ କରନ୍ତି। ଆଜକୁ ପ୍ରାୟ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଝାଲରସିଂ ଗ୍ରାମର ଡ୍ରେନ୍, ଚେକ୍‌ଡ୍ୟାମ୍ ଏବଂ ରାସ୍ତାପାର୍ଶ୍ୱ ଅଳିଆ ଆବର୍ଜନା ହୋଇ ରହିଛି। ଫଳରେ ଗ୍ରାମବାସୀ ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ଆଦି ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ଏହି ଅଳିଆ ଆବର୍ଜନା ସଫେଇ ବାବଦକୁ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରକୁ ବାର୍ଷିକ ୧୦ ହଜାର ଟଙ୍କା ଆସୁଛି। କିନ୍ତୁ ୫ ବର୍ଷ ହେଲାଣି କୌଣସି ଡ୍ରେନ୍, ଚେକ୍‌ଡ୍ୟାମ୍ କିମ୍ବା ରାସ୍ତାପାର୍ଶ୍ୱ ଅଳିଆ ଆବର୍ଜନା ପରିଷ୍କାର ହୋଇନାହିଁ କିମ୍ବା କୌଣସି ପଞ୍ଚାୟତ ଫଣ୍ଡରୁ ମଧ୍ୟ ସଫା କରାଯାଉନାହିଁ। ଏହି ବିଷୟ ଗ୍ରାମବାସୀ ପ୍ରଶାସନକୁ ଜଣାଇବା ସତ୍ତ୍ୱେ ପ୍ରଶାସନିକ ଅଧିକାରୀମାନେ କୌଣସି ଦୃଷ୍ଟି ଦେଇନାହାନ୍ତି। ଫଳରେ ଗ୍ରାମବାସୀ ବ୍ଲକରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ରାମଚନ୍ଦ୍ରପୁର,୩୧।୩(ଗଣେଶ୍ୱର ସା):

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଅଳତୀସ୍ଥିତ ମା' କଲ୍ୟାଣ ମଣ୍ଡପ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଅଳତୀ ଶାଖା ପକ୍ଷରୁ ତିନି ଦିନଧରୀ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଘସିପୁରା ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଯାଜପୁର ଜିଲା କୁମ୍ଭନଗର ଆଶ୍ରମର ମହନ୍ତ ଉପସ୍ଥିତ ରହି ଧର୍ମଧ୍ୱଜା ଉତ୍ତୋଳନ କରି ଗାୟତ୍ରୀ ଯଜ୍ଞର ଶୁଭାରମ୍ଭ କରିଥିଲେ। ପରେ ଭବ୍ୟ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କଳସ ଯାତ୍ରାରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଶାନ୍ତିକୁଞ୍ଜ ହରିଦାରରୁ ଆସିଥିବା ଭଉଣୀ କଳ୍ପନା ତ୍ରିପାଠୀ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ସନ୍ଦେଶ ପ୍ରଦାନ କରିଥିଲେ। ଗାୟତ୍ରୀ ଯଜ୍ଞ ଏବଂ ସଂସ୍କାର ମହୋତ୍ସବରେ ପ୍ରବଳ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସାମାଜିକ କର୍ମୀ ଡ଼. ରତିକାନ୍ତ ବରାଳଙ୍କ ସମେତ ପ୍ରଜ୍ଞାପରିଜନ ରବିନ୍ଦ୍ର ନାୟକ, ବ୍ରଜକିଶୋର ସାହୁ, ବିଷ୍ଣୁ ନାରାୟଣ ସାମଲ, ନରେନ୍ଦ୍ର ନାୟକ, ଜଗବନ୍ଧୁ ମହାରଣା, କାର୍ତ୍ତିକ ପ୍ରସାଦ ଶତପଥୀ, ସିତାନାଥ ବରାଳ, ନୃସିଂହ ବରାଳ, ପ୍ରଭାତ ମଞ୍ଜରୀ ପୁହାଣ, ବାସନ୍ତୀ ଓଝା, ମୀନାକ୍ଷୀ ବରାଳ ସମେତ ଶତାଧିକ ପ୍ରଜ୍ଞା ପରିଜନ ଉପସ୍ଥିତ ରହି ନବକୁଣ୍ଡୀୟ ଯଜ୍ଞରେ ସକ୍ରିୟ ସହଯୋଗ କରିଥିଲେ। ଘଷିପୁରା, ବେଲସୁନ୍ଦରୀ, ତରୁଆଁ, ବଡ଼ପଦନା, ଅଳତୀ, ବାତୋ, ଓଡ଼ପଡ଼ା, ସାଇଁକୁଳ, ଉଜୁଣୀ, ଶୈଳଙ୍ଗ ପ୍ରଭୃତି ଶାଖାରୁ ପ୍ରଜ୍ଞାପରିଜନମାନେ ଯୋଗଦାନ କରି ସହଯୋଗ କରିଥିଲେ।

### ଅଭିଯୋଗର ୫ ଦିନ ପରେ ବି ପୋଲିସ ହାତ ଖାଲି

#### ଷ୍ଟେଶନ ରୋଡ୍‌ରେ ଯୁବକଙ୍କୁ ହତ୍ୟା ଘଟଣା

ବଡ଼ବିଲ,୩୧।୩(ଦେବପ୍ରିୟ ରଣା):

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍‌ରେ ରହୁଥିବା ରାଜେଶ ସୁଣ୍ଡିଙ୍କୁ ଗତ ମଙ୍ଗଳବାର ହୋଲି ଦିନ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ହେଁ ୫ ଦିନ ପରେ ବି କାହାକୁ ଗିରଫ କରିନାହିଁ। ଫଳରେ ସ୍ଥାନୀୟ ଷ୍ଟେସନ ରୋଡ ଅଞ୍ଚଳରେ ଚାପା ଉତ୍ତେଜନା ବଢ଼ିବାରେ ଲାଗିଛି। ଅଭିଯୁକ୍ତଙ୍କ ଗିରଫକୁ ନେଇ ରାସ୍ତା ଅବରୋଧ ପରିସ୍ଥିତି ଉପୁଜିବା ସମ୍ଭାବନା ଦେଖାଦେଇଛି। ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟରେ ବେକରେ ଫାଶି ଯୋଗୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଜଣାପଡ଼ିଛି, ହେଲେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନି। ଏଯାବତ୍ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବାର ଆଶା ରହିଛି ବୋଲି କହିଥିଲେ। ଏପଟେ ମୃତକ ଜଣକ ନିଜ ପରିବାରଠାରୁ ଅଲଗା ନିଜ ସ୍ତ୍ରୀଙ୍କ ସହିତ ଭଡାଘରେ ରହୁଥିଲେ। ତେଣୁ ରାଜେଶଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ଖବର ଶୁଣିବାକୁ ମିଳୁଛି।

# ଚମକ ହରାଉଛି ଦୋଳ ମେଳଣ

- ପାରମ୍ପରିକ ରୀତିନୀତିରେ ପ୍ରଭୁ ରାଧାକୃଷ୍ଣଙ୍କ ବିମାନଯାତ୍ରା ସୀମିତ
- ଓଡ଼ିଆ ପରମ୍ପରା, କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ପ୍ରୟାସ ଆବଶ୍ୟକ



ରସୁଲପୁର,୩୧।୩(ରଞ୍ଜିତ ରାଉତ):

ଓଡ଼ିଆ ଧର୍ମ, ସଂସ୍କୃତି ଓ ପରମ୍ପରା ଆଧାରରେ ଫଗୁଣ ମାସରେ ଦୋଳ ମେଳଣ ଆୟୋଜିତ ହୁଏ। ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ଯାଇ ମେଳଣ ଉତ୍ସବରେ ଯୋଗ ଦେଇଥାଆନ୍ତି। ଭକ୍ତମାନେ ଭଜନ, ସଂକୀର୍ତ୍ତନର ସହ ଠାକୁରଙ୍କ ବିମାନଙ୍କୁ ହଲାଇଝୁଲାଇ ରଙ୍ଗ ଅବିରରେ ହୋଲି ଖେଳନ୍ତି। ଏହି ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ମେଳଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମେଳଣ ପଡ଼ିଆରେ ନାନା ଦୋକାନ ଖୋଲାହୁଏ। ଲୋକେ ମନପସନ୍ଦର ଘରକରଣା ସାମଗ୍ରୀ କିଣି ନେଇଥାଆନ୍ତି। ତେବେ ସାମ୍ପ୍ରତିକ ସ୍ଥିତିରେ ଏସବୁ ସ୍ଥିତିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ଡିଜିଟାଲ ଯୁଗରେ ଦୋଳ ମେଳଣ ଚମକ ହରାଉଥିବା ଭଳି ମନେହେଉଛି। ପ୍ରଭୁ ରାଧାକୃଷ୍ଣଙ୍କ ବିମାନ ଯାତ୍ରା କେବଳ ପାରମ୍ପରିକ ରୀତିନୀତିରେ ସୀମିତ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ପୂର୍ବରୁ ଅନୁଷ୍ଠିତ ମେଳଣରେ ରାତି ଅଧରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ରାତି ପାହିଲା ବେଳକୁ ମେଳଣ ପଡ଼ିଆରେ ଲୋକଙ୍କ ଭିଡ଼ ଜମି ସାରିଥାଏ। ଦ୍ୱିପ୍ରହର ପର୍ଯ୍ୟନ୍ତ ମେଳଣ ଉତ୍ସବ ଜାରି ରହିଥାଏ। ମେଳଣ ସରିବା ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ଲାଗି ରହିଥାଏ। ମାତ୍ର ସେଇ ପୁରୁଣା ପରମ୍ପରା ଏବେ ଆଉ ଦେଖିବାକୁ ମିଳୁନାହିଁ। ଏବେକାର ମେଳଣ ଆରମ୍ଭ ହୋଇ ମାତ୍ର କେଇ ଘଣ୍ଟାରେ ଶେଷ ହୋଇଯାଉଛି। ଆଗଭଳି ବିମାନଗୁଡ଼ିକ ସହ ବିଭିନ୍ନ ପାରମ୍ପରିକ କଳାକୃତି ପ୍ରଦର୍ଶିତ ହେଉନାହିଁ। ଶ୍ରଦ୍ଧାଳୁଙ୍କ ଭିଡ଼ କମ୍ ପରିଲକ୍ଷିତ ହେଉଛି। ଅନ୍‌ଲାଇନରେ ଘରକରଣା ସାମଗ୍ରୀ ଦ୍ୱାରଦେଶରେ ଉପଲବ୍ଧ ହେଉଥିବାରୁ ମେଳଣ ପଡ଼ିଆରେ ଖୋଲୁଥିବା ଦୋକାନ ଦର୍ଶକଙ୍କ ଉପରେ ପ୍ରଭାବ ପକାଇ ପାରୁନାହିଁ। ପୂର୍ବରୁ ମେଳଣ ଓ କେତେକ ପାରମ୍ପରିକ ଯାତ୍ରା କେବଳ ମନୋରଞ୍ଜନ ଏବଂ ଆମୋଦପ୍ରମୋଦର ମାଧ୍ୟମ ସାଜିଥିଲା। ଏବେ ଅଧିକାଂଶ ଲୋକଙ୍କ ହାତରେ ମୋବାଇଲ ଫୋନ୍ ରହିଛି। ସେଥିରେ ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ଆଦି ଆପ୍ ଜରିଆରେ ନାନା ମନୋରଞ୍ଜନ କାର୍ଯ୍ୟକ୍ରମ ଉପଲବ୍ଧ ହେଉଛି। ଯୁଗ ପରିବର୍ତ୍ତନ ସାଙ୍ଗକୁ ଗାଁରେ ବିଭିନ୍ନ ଋତୁରେ ଉତ୍ସବ ଓ ମହୋତ୍ସବ ଆୟୋଜନ କରାଯାଉଛି। ଏକାଧିକ ସ୍ଥାନରେ ମେଳା ମହୋତ୍ସବ ଜରିଆରେ ନାନା ସୁବିଧା ଉପଲବ୍ଧ ହେଉଛି। ଏଭଳି ସ୍ଥିତିରେ ମେଳଣର ଚାହିଦା କମିଯାଉଛି। ଆଉ ଆଗଭଳି ମେଳଣ ଜନସମାଗମ ଏବେକାର ମେଳଣରେ ଦେଖିବାକୁ ମିଳୁନାହିଁ। ଏହାବ୍ୟତୀତ ସମୟର ପରିବର୍ତ୍ତନ ସହ ଲୋକଙ୍କ ଚାହିଦା ଓ ରୁଚି ବି ବଦଳିଯାଉଛି। ପୁରୁଣାକାଳିଆ ପରମ୍ପରାକୁ ଆଜିର ନୂଆପିଢ଼ି ଗ୍ରହଣ କରିପାରୁ ନାହାନ୍ତି। ଏଭଳି ନାନା କାରଣରୁ ଠାକୁରବାଡ଼ିଆମାନେ ମେଳଣରେ କେବଳ ଠାକୁରଙ୍କୁ ପାରମ୍ପରିକ ରୀତିନୀତିର ସହ ପୂଜା କରୁଛନ୍ତି। ମେଳଣ ଆଗଭଳି ଆଉ ଆମୋଦପ୍ରମୋଦର ମାଧ୍ୟମ ହୋଇ ରହିନାହିଁ। ବ୍ୟବସାୟୀଙ୍କ ପାଇଁ ବଳିଷ୍ଠ ରୋଜଗାରପନ୍ଥା ସାଜି ପାରୁନାହିଁ। ତେଣୁ ଓଡ଼ିଆ ପରମ୍ପରା, କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ବିଭିନ୍ନସ୍ତରରେ ବ୍ୟାପକ ପ୍ରୟାସ ଏବଂ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରକୃତି ଅଧ୍ୟୟନ କାର୍ଯ୍ୟକ୍ରମ



ପ୍ରକୃତି ଅଧ୍ୟୟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷକ।

ବରୀ,୩୧।୩(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଯାଜପୁର ଜିଲାର ସୁକିନ୍ଦାଠାରେ ଅବସ୍ଥିତ ଅଶୋକଝରଠାରେ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା କାର୍ଯ୍ୟକାରିଣୀ, ମୂଲ୍ୟାୟନ କମିଟି, ଜାତୀୟ ସବୁଜ ବାହିନୀ, ଭୁବନେଶ୍ୱର ପରିବେଶ ଶିକ୍ଷାକେନ୍ଦ୍ର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଉଚ୍ଚ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ପ୍ରକୃତିକୁ ଅନୁଧ୍ୟାନ ଓ ଅଧ୍ୟୟନ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ନେତୃତ୍ୱରେ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଦୁଃଶାସନ ବେହେରା, ବ୍ରଜକିଶୋର ରାଉତ, ଶିକ୍ଷା କର୍ମଚାରୀ ପୀତାମ୍ବର ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ନିର୍ମଳ ଚନ୍ଦ୍ର ସାମଲ, ଅମୂଲ୍ୟ ନାୟକ ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ପରିବେଶ ଓ ପ୍ରକୃତି ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଉକ୍ତ ସ୍ଥାନରେ ପରିବେଶର ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହି ସ୍ଥାନକୁ ପରିଭ୍ରମଣ କରିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ସହ ସବୁଜ ବନାନୀର ସୁରକ୍ଷା ପାଇଁ ସଚେତନତା ଓ ଶପଥ ମଧ୍ୟ କରାଯାଇଥିଲା।

# ଆମ ଅଗଣାର ସଜଫୁଲ ପରିବାରର ବାର୍ଷିକ ଉତ୍ସବ


ଉତ୍ସବରେ ଯୋଗ ଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଆମ ଅଗଣାର ସଜଫୁଲ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ରବିବାର ପଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବସନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ଭାଷା ହିଁ ସମାଜ ଓ ଜାତିକୁ ଏକତାର ସୂତ୍ରରେ ବାନ୍ଧିଥାଏ। ଏହାଦ୍ୱାରା ମଣିଷ ସମାଜ ସମୃଦ୍ଧ ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ସୁବ୍ରତ ଦାସ, ସମ୍ମାନିତ ଅତିଥି କବି ଡ. ରାଜକିଶୋର ପାଢ଼ୀ, ଅବସରପ୍ରାପ୍ତ ପ୍ରଶାସକ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସାହିତ୍ୟ, ସମାଜ ଓ ସଂଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦିକା କଳ୍ପନା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍ୱାଗତିକା ସାହୁ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ଆମ ଅଗଣାର ସଜଫୁଲ' ଓ କବୟିତ୍ରୀ କଳ୍ପନା ପଣ୍ଡାଙ୍କ ଗୀତିକବିତା ପୁସ୍ତକ 'କଳ୍ପନାର ବେଳାଭୂମି'କୁ ଅତିଥି ଲୋକାର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଖବରଦାତା ଅଖିଳ ସ୍ୱାଇଁ, ଅବିନେଶ୍ୱର ଶତପଥୀ ଓ ଆନନ୍ଦ ମହାରଣାଙ୍କ ସମେତ ବହୁ କବୟିତ୍ରୀକବି ଓ ଲେଖିକାଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଜିଲା ଓ ଜିଲା ବାହାରରୁ ବହୁ ସାହିତ୍ୟିକ ଯୋଗଦେଇ କବିତା ପାଠ କରିଥିଲେ। ପ୍ରଦ୍ୟୁମ୍ନ ଭୂତିଆ, କୁଞ୍ଜବିହାରୀ ଦଳାଇ, ନୀଳିମା ପଟ୍ଟନାୟକ, ଆରତୀ ବେହେରା, ଦେବକୀ ଭୁତିଆ ଓ ସୁସ୍ମିତା ବାଭି ଉତ୍ସବକୁ ପରିଚାଳନା କରିଥିଲେ।

### ଥାନାରେ ୭ ଜଣ ବନ୍ଧୁକ ଜିମା ଦେଲେ

ବୈଶିଙ୍ଗା,୩୧।୩(ରତନ ଦାଶ):

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ପକ୍ଷରୁ ସାଧାରଣ ନିର୍ବାଚନରେ ଆଇନ ଶୃଙ୍ଖଳା କଡ଼ାକଡ଼ି କରିବା ଲକ୍ଷ୍ୟରେ ତନାଘନା ଆରମ୍ଭ କରିଦେଇଛି। ଥାନା ଅଞ୍ଚଳରେ ଲାଇସେନ୍ସ ପ୍ରାପ୍ତ ୮ ଜଣ ବନ୍ଧୁକଧାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ଶେଷହେବା ପର୍ଯ୍ୟନ୍ତ ବନ୍ଧୁକ ଜିମା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୭ ଜଣ ବନ୍ଧୁକ ଜିମା ଦେଇ ସାରିଛନ୍ତି। ଅନ୍ୟପକ୍ଷରେ ସମ୍ବେଦନଶୀଳ ବୁଥଗୁଡ଼ିକ ଉପରେ ନଜର ରଖିବା ସହ ରାତ୍ରକାଳୀନ ପାଟ୍ରୋଲିଂ, ଯାନବାହାନ ଯାଞ୍ଚ, ଅସାମାଜିକ ଓ ନିଶା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ୩ ପୋଲିସ ଚେକପୋଷ୍ଟ ସ୍ଥାପନ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି ।

### ନୂତନ ପଞ୍ଜିକାରେ ତ୍ରୁଟି

ହାଟଡ଼ିହୀ,୩୧।୩(ଶୁଭକାନ୍ତ ନାୟକ):

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ହେଉଥିବା ନୂତନ ଓଡ଼ିଆ ବିରଜା ପଞ୍ଜିକା(୨୦୨୪-୨୦୨୫ ବର୍ଷ)ରେ ତ୍ରୁଟି ପରିଲକ୍ଷିତ ହୋଇଛି। ପଞ୍ଜିକାର ୭ ନମ୍ବର ପୃଷ୍ଠାରେ ବୃହସ୍ପତି ଗ୍ରହ ଓଡ଼ିଆ ମାସ ବୈଶାଖ ଦିନ ୨୦ ଅର୍ଥାତ ଇଂରାଜୀ ମାସ ୨୦ ମଇ ୨୦୨୪ରେ ବୃଷ ରାଶିକୁ ଚଳନ(ସଞ୍ଚାର)ହେବେ ବୋଲି ଉଲ୍ଲେଖ ରହିଛି। କିନ୍ତୁ ୩୦ ନମ୍ବର ପୃଷ୍ଠାରେ ୨ ମଇ ୨୦୨୪ରେ ବୃହସ୍ପତି ଗ୍ରହ ଚଳନ ହେବେ ବୋଲି ଉଲ୍ଲେଖ ରହିଛି। ବୃହସ୍ପତି ଗ୍ରହ ଚଳନ ଫଳରେ ବିଛା ରାଶିକୁ ଶୁଭ ଏବଂ ମଧ୍ୟମ ୨ ପ୍ରକାରର ଫଳ ମିଳିବ ବୋଲି ୨ ଥର ଉଲ୍ଲେଖ ରହିଛି। ସେହିପରି କୁମ୍ଭ ଏବଂ ମୀନ ରାଶିକୁ କି ପ୍ରକାରର ଫଳ ମିଳିବ ତାହା ଉଲ୍ଲେଖ ହୋଇନି। ଏପରି ତ୍ରୁଟିକୁ ନେଇ କେଉଁଟା ଠିକ ଏବଂ କେଉଁଟା ଭୁଲ ଜଣାପଡୁନାହିଁ । ବିରଜା ପଞ୍ଜିକାର ଗଣନାକାର ପଣ୍ଡିତ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଏପରି ତ୍ରୁଟିକୁ ସେ ସ୍ୱୀକାର କରି ଅନିଚ୍ଛାକୃତ ତ୍ରୁଟି ବୋଲି କହିଥିଲେ। ତ୍ରୁଟି ସଂଶୋଧନ କରି ପଢିବାକୁ ପ୍ରତିକ୍ରିୟାରେ କହିଥିଲେ। ସୂଚନା ଯୋଗ୍ୟ, ଇଂରାଜୀ ମାସ ଅପ୍ରେଲ ୧୩ ତାରିଖ ମହାବିଷୁବ(ପଣା) ସଂକ୍ରାନ୍ତି ପଡୁଛି। ଏହି ଦିନ ବି ହନୁମାନ ଜୟନ୍ତୀ ପାଳନ ହୁଏ। ଓଡ଼ିଆ ମାସ ହିସାବରେ ଏହି ଦିନଟିକୁ ବୈଶାଖ(ମେଷ) ମାସର ପ୍ରଥମ ଦିନ ବା ଓଡ଼ିଆ ନବବର୍ଷ ଆରମ୍ଭ ବୋଲି କୁହାଯାଏ। ଏହି ଦିନରୁ ନୂତନ ପଞ୍ଜିକା ବ୍ୟବହାର ହୁଏ।

# ଜଗା ଚାକର ସଂଘ ପକ୍ଷରୁ ସଙ୍କୀର୍ତ୍ତନ ପରିକ୍ରମା


ଜଗା ଚାକର ସଂଘ ପକ୍ଷରୁ ଛତିଆ ବଟ ମନ୍ଦିର ନିକଟରେ ସଙ୍କୀର୍ତ୍ତନ ପରିକ୍ରମା କରାଯାଉଛି।

ଛତିଆ,୩୧।୧(ସୌମ୍ୟ ରଞ୍ଜନ ସାହୁ):

ଜଗା ଚାକର ସଂଘ ପୁରୀ ଶାଖା ପକ୍ଷରୁ ରବିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବଡ଼ଚଣା ବ୍ଲକର ଛତିଆ ବଟ ମନ୍ଦିରରେ ସଙ୍କୀର୍ତ୍ତନ ପରିକ୍ରମା କରାଯାଇଛି। ସଂଘ କର୍ମକର୍ତ୍ତା ଛତିଆ ବଟଠାରୁ ସେବକ ଜରା ନିବାସ ପର୍ଯ୍ୟନ୍ତ ନାମ ସଙ୍କୀର୍ତ୍ତନ କରି ଛତିଆ ବଜାର ପରିକ୍ରମା କରିଥିଲେ। ପରେ ଛତିଆ ସୋଲରଠାରେ ଅବସ୍ଥିତ ସେବକ ଜରା ନିବାସରେ ସଂଘ ପକ୍ଷରୁ ସେବା କାର୍ଯ୍ୟ କରାଯାଇଥିଲା। ପୁରୀ ଜଗା ଚାକର ରାଜ୍ୟ ସଂଘର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓଡ଼ିଶାର ବିଭିନ୍ନ ଜିଲାରେ ସକାଳୁ କୀର୍ତ୍ତନ କରି ରାଜ୍ୟ ସାରା ବୁଲିବୁଲି ସେବା ଯୋଗାଇବା ସହ ମାନବ ସେବା ହିଁ ମାଧବ ସେବା ବାର୍ତ୍ତା ପହଞ୍ଚାଉଛନ୍ତି। ଏଥିରେ ସେମାନଙ୍କୁ ଆତ୍ମସନ୍ତୋଷ ମିଳୁଛି ବୋଲି କହିଛନ୍ତି ସଂଘ ସଭାପତି ସଦାନନ୍ଦ ସାହୁ। କୌଣସି ବ୍ୟକ୍ତି ସେମାନଙ୍କ ବାପା, ମା' ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ ବୟସର ଅପରାହ୍ନରେ ଅସହାୟ ଅବସ୍ଥାରେ ନ ଛାଡ଼ିବାକୁ ନିବେଦନ କରିଛି ସଂଘ। ସେବକ ଜରାଶ୍ରମରରେ ଗୋଟିଏ ଦିନର ସେବା କାର୍ଯ୍ୟରେ ବହୁ ଆତ୍ମସନ୍ତୋଷ ଉପଲବ୍ଧି ମିଳିଥିବା ପ୍ରକାଶ କରିଛନ୍ତି ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ। ଏହି କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ଲଳିତ ମୋହନ ସାହୁ, ନିରୋଦ ନାୟକ, ଯାଜପୁରର ଶ୍ରୀକାନ୍ତ ସାହୁ, ଅନିତା ମହାରଣା, ମନୋଜ ମହାପାତ୍ର, ନବରଙ୍ଗପୁରର ଘାଷିରାମ ନାୟକ, ଦୀପ୍ତିରଞ୍ଜନ ନାୟକ, ମହେନ୍ଦ୍ର ମହାନ୍ତି ଓ ଯୋଗେନ୍ଦ୍ର ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିଲେ।

# ଓସେନ-ୱାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବଡ଼ଚଣା,୩୧।୩
(ଦିଲୀପ କୁମାର ମହାନ୍ତି):



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଚଣ୍ଡିଖୋଲ ହରିଦାସପୁରସ୍ଥିତ ଓସେନ-ୱାନ୍ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ନିର୍ଦ୍ଦେଶକ ଡ. ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଶାଳା ଶିକ୍ଷା ମଣ୍ଡଳ ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ ଶିକ୍ଷା ଏକ ଜୀବନବ୍ୟାପୀ ସାଧନା। ଶିକ୍ଷାର ଶେଷ ନାହିଁ, ଶିକ୍ଷା ଅନ୍ଧାର ରୂପକ ଅଜ୍ଞାନକୁ ଦୂର କରି ଜ୍ଞାନର ଆଲୋକ ପ୍ରଜ୍ଜ୍ୱଳନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବୈତରଣୀ ଜ୍ୟୋତିର ସଂଯୋଜକ ପ୍ରଭଞ୍ଜନ ପତି ଯୋଗଦେଇ ପିଲାମାନଙ୍କୁ ମା, ମାଟି, ମାତୃଭୂମି ଓ ମାତୃଭାଷାର ଉନ୍ନତି କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଶୈଳବାଳା ବାଳିକା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ସସ୍ମିତା ଗାହାଣ ଯୋଗଦେଇ ପିଲାମାନେ ପିତାଙ୍କଠାରୁ ଧୈର୍ଯ୍ୟ ଓ ମାତାଙ୍କଠାରୁ ସଂସ୍କାର ଶିକ୍ଷା ଗ୍ରହଣ କରିଥାନ୍ତି। ପିତାମାତାଙ୍କ ପ୍ରଭାବ ପିଲାଙ୍କୁ ପ୍ରଭାବିତ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ ନାୟକ, ପ୍ରାକ୍ତନ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ଶୁକ୍ଳ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ପଣ୍ଡା, ଶିକ୍ଷକ ବିଦ୍ୟାଧର ପରିଡ଼ା, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀ, ଖବରଦାତା ସୁଶ୍ରୀ ରଶ୍ମିତା ବେହେରା ଓ ବନମାଳି ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପରିବେଶବିତ ଅନିଲ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓମକାର ଶ୍ରେଷ୍ଠ ଅବତାର ସଭା ପରିଚାଳନା କରିଥିଲେ। ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବେବସ୍ମିତା ସ୍ୱାଇଁ, ବର୍ଷାରାଣୀ ଦାଶ, ପ୍ରଭାସିନୀ ସାହୁ, ହରପ୍ରିୟା ସାମଲ, ତପସ୍ୱିନୀ ରାଉତ, ସନ୍ଧ୍ୟାରାଣୀ ଜେନା, ପ୍ରଦୀପ ନାୟକ ଓ କନକଲତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥି ଓ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅଧ୍ୟକ୍ଷା ରଶ୍ମିତା ସାଇଁ ଧନ୍ୟବାଦ ଦେଇଥିଲେ।

# 'ସାହିତ୍ୟ ସମାଜକୁ ସଂସ୍କାରିତ କରିଥାଏ'

### ମଧୁବନ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରସୁଲପୁର,୩୧।୩(ରଞ୍ଜିତ ରାଉତ):


ଅତିଥିଙ୍କ ଗହଣରେ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା।

ସାହିତ୍ୟ ସମାଜକୁ ସଂସ୍କାରିତ କରିଥାଏ। ସାମାଜିକ ସ୍ଥିତିରେ ପରିବର୍ତ୍ତନ ଘଟାଇବାରେ ସାହିତ୍ୟର ପ୍ରମୁଖ ଭୂମିକା ରହିଥାଏ। ସାହିତ୍ୟ ବିନା ପରିବର୍ତ୍ତନ ସମ୍ଭବ ନୁହେଁ। ମଧୁବନ ସାହିତ୍ୟ ସଂସଦର ଅଷ୍ଟବିଂଶତମ ବାର୍ଷିକୋତ୍ସବରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାର ପ୍ରଥମ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି କୈଳାସ ମଲିକ ଅଧ୍ୟକ୍ଷତା କରିଥିଲେ। ୪୦ଜଣ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କୃତୀ କବିମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମଧୁପୁର କଲେଜ ଅଧ୍ୟକ୍ଷ ତୁହିନାଂଶୁ ରଥ ଓ ସମ୍ମାନିତ ଅତିଥି ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରବୀନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ କବି, ସାହିତ୍ୟିକମାନେ ବିଚାରକ ଭାବରେ କବିତା ପାଠ ଉତ୍ସବକୁ ସଞ୍ଚାଳନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ସଂସଦ ସଭାପତି ବସନ୍ତ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ନୃସିଂହ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝି, ସମ୍ମାନିତ ଅତିଥି ଏବିଇଓ ଡ. ପ୍ରଭଞ୍ଜନ ପତି, ମଧୁବନ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ଘଡ଼େଇ, ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି, ପ୍ରଭାତ ମଲ୍ଲିକ ଓ ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସନ୍ତୋଷ ସାହୁ ବିବରଣୀପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭା ଅବସରପ୍ରାପ୍ତ ଅଧ୍ୟାପକ ସୁଶାନ୍ତ ପଣ୍ଡା, ଶିକ୍ଷକ ବୈଦ୍ୟେନ୍ଦ୍ର ନାଥ ସାହୁ, ନୀଳମଣି ଲେଙ୍କା, ଅଭିମନ୍ୟୁ ସାହୁ ଓ ନିହାରଞ୍ଜନ ପତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସଂସଦର ମୁଖ୍ୟପତ୍ର 'ଯୁଗାରମ୍ଭ' ପତ୍ରିକା ଉନ୍ମୋଚିତ ହୋଇଥିଲା। ସଂସଦର କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ଶନିବାର ରାତିରୁ ନିଖୋଜ ଥିଲେ**

**ପଟ୍ଟାମୁଣ୍ଡାଇ,୩୧।୩(କଳ୍ପତରୁ ନାୟକ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ କଖାରୁଣି ଦଳିତ ସାହି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ସେ ହେଲେ କଖାରୁଣି ଗ୍ରାମର ପତିତପାବନ ମଳିକଙ୍କ ପୁଅ ରମାକାନ୍ତ ମଳିକ (୩୭) । ସେ ଶନିବାର ରାତିରୁ ନିଖୋଜ ଥିଲେ । ଏ ସଂକ୍ରାନ୍ତରେ ପୋଲିସକୁ କୌଣସି ସୂଚନା ଦିଆଯାଇ ନ ଥିଲା । ରବିବାର ରମାକାନ୍ତଙ୍କ ମୃତଦେହ ପାଣିରେ ଭାସୁଥିବା ଗାଁ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ପୋଲିସ ତଦନ୍ତ ଜାରି ରଖିଛି । ତେବେ କେଉଁ କାରଣରୁ ରମାକାନ୍ତଙ୍କ ଏପରି ମୃତ୍ୟୁ ଘଟିଲା ସେ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳିନାହିଁ । ରମାକାନ୍ତଙ୍କ ସ୍ତ୍ରୀ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଜାରି ରଖିଛି । ରମାକାନ୍ତଙ୍କ ମୃତ୍ୟୁକୁ ନେଇ ନାନା କଥା ଆଲୋଚନା ହେଉଛି ।

### ଗୋସିଗାଁରେ ଅଲେଖ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ

**ରାଜନଗର,୩୧।୩ (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ସାନବଡ଼ଗୋପାଳପୁର ଗ୍ରାମ ପଞ୍ଚାୟତ ଗୋସିଗାଁସ୍ଥିତ ମହିମା ଆଶ୍ରମରେ ଦୁଇଦିନ ଧରି ଚାଲିଥିବା ଅଲେଖ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ବ୍ରାହ୍ମ ମୁହୂର୍ତ୍ତରେ ମହିମା ଧର୍ମର ସାଧୁ ବ୍ରହ୍ମାବଧୂତ ଗଦାଧର ବାବା ଯଜ୍ଞରେ ଅଗ୍ନିସ୍ଥାପନ କରିଥିଲେ। ଏହି ଯଜ୍ଞରେ ବ୍ରହ୍ମାବଧୂତ ଗଦାଧର ବାବା, ବ୍ରହ୍ମାବଧୂତ ଶଙ୍କର ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା,ସାଧୁ ଅନ୍ତର୍ଯ୍ୟାମୀ ଦାସ, ଧୈର୍ଯ୍ୟବନ୍ଧୁ ଦାସ, ଅଭୟ ଦାସ, ରତ୍ନାକର ଦାସ, ପରୀକ୍ଷିତ ବୈରାଗୀ ପ୍ରମୁଖ ଯୋଗଦେଇ ମହିମା ଧର୍ମ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ଆକୁଳି ଚରଣ ରାଉତ, ନାରାୟଣ ରାଉତ, ଶୁକଦେବ ରାଉତ, ଅନନ୍ତ କିଶୋର ରାଉତ, ଗୋଲେଖ ଚନ୍ଦ୍ର ରାଉତ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ମହିମାଭଜନ ପରିବେଷଣ କରିଥିଲେ। ରବିବାର ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବ୍ରହ୍ମଧୂନୀ ଯଜ୍ଞରେ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ପରେ ମହିମା ସାଧୁସନ୍ଥ ମାନଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ରାଉତ, ଅଜିତ କୁମାର ରାଉତ, ନକୁଳ ରାଉତ, କୁଞ୍ଜ ବିହାରୀ ବିଶ୍ୱାଳ, ପାରେଶ୍ୱର ରାଉତ, ଅନ୍ତର୍ଯ୍ୟାମୀ ଗାହାଣ, ନବୀନା ବିଶ୍ୱାଳ, ବୁବୁ ବିଶ୍ୱାଳ, ହୃଷିକେଶ ବିଶ୍ୱାଳ, ସୁଜିତ ରାଉତ, ପର୍ଶୁରାମ ପ୍ରଧାନ, ସର୍ବେଶ୍ୱର ରାଉତ, ମଙ୍ଗୁଳି ପ୍ରଧାନ ପ୍ରମୁଖଙ୍କ ସମେତ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ମହିମା ଆଶ୍ରିତ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

**ରାଜନଗର,୩୧।୩(ଭାସ୍କର ରାଉତରାୟ):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଓସ୍ତିଆ ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଓସ୍ତିଆ ପଞ୍ଚାୟତର ୧୭ ୱାର୍ଡର ସମସ୍ତ ସଦସ୍ୟା,ସଦସ୍ୟମାନେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଜୁନ୍ ୧ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଓସ୍ତିଆ ପଞ୍ଚାୟତ ବ୍ଲକର ସବୁ ପଞ୍ଚାୟତଠାରୁ ଯେପରି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜୁ ଜନତା ଦଳ ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ପଞ୍ଚାୟତ ସଭାପତି ପ୍ରସନ୍ନ କୁମାର ଦାସ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ବୈଠକରେ ଅଂଶଗ୍ରହଣ କରିଥିଲେ।

# ପ୍ରାର୍ଥୀ ଚୟନରେ ବିଳମ୍ବ, ଭାଜପା କର୍ମୀ ନିରାଶ

ପଟ୍ଟାମୁଣ୍ଡାଇ,୩୧।୩(କଳ୍ପତରୁ ନାୟକ)




କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ଏବେ ସମସ୍ତଙ୍କ ନଜର କଂଗ୍ରେସ ଓ ଭାଜପା ଉପରେ ରହିଛି। ପ୍ରାର୍ଥୀ ଘୋଷଣା କରିବାରେ ବିଜେଡି ଆଗୁଆ ରହିଥିବା ବେଳେ ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ନିର୍ବାଚନ ଜିତିବାର ଆଶା ବୃଦ୍ଧି ପାଇଛି। ଦଳ ପୁଣି ଧ୍ରୁବ ସାହୁଙ୍କୁ ପ୍ରାର୍ଥୀ କରିଥିବାରୁ ତାଙ୍କୁ ଟକ୍କର ଦେଲାଭଳି ପ୍ରାର୍ଥୀ କଂଗ୍ରେସ ଓ ଭାଜପାର ହେବା ଆବଶ୍ୟକ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି । ଅନ୍ୟପକ୍ଷେ ଭାଜପା ଅନ୍ତଦ୍ୱନ୍ଦ୍ୱରେ ବୁଡିରହିଥିବା ବେଳେ ନେତାଶୂନ୍ୟ ହୋଇ ପଡିଛି ରାଜନଗର କଂଗ୍ରେସ । ତେବେ ଏଠାରେ ତ୍ରିମୁଖୀ ଲଢେଇ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରାଜନଗର ଭାଜପାର ଏକାଧିକ ଆଶାୟୀ ରହିଥିବାରୁ ପ୍ରାର୍ଥୀ ଚୟନରେ ବିଳମ୍ବ ଘଟୁଥିବା କୁହାଯାଇଛି। ହେଲେ ଏହାର କୁପ୍ରଭାବ ଭାଜପା କର୍ମୀଙ୍କ ଉପରେ ପଡୁଛି। ସେହି ଦଳର କର୍ମୀଙ୍କ ମନରେ ନିରାଶାଭାବ ଦେଖିବାକୁ ମିଳୁଛି। ଭାଜପାର ଗ୍ୟାରେଣ୍ଟି ଓ ବିଭିନ୍ନ ଘୋଷଣାକୁ ନେଇ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବାକୁ ରହିଥିବା ବେଳେ ପ୍ରାର୍ଥୀ ଚୟନ ହୋଇ ନ ଥିବାରୁ କର୍ମୀମାନେ ହାତବାନ୍ଧି ବସିଛନ୍ତି । ଏଣେ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ଦଳ ଅଣ୍ଟା ଭିଡ଼ିଛି। ରାଜ୍ୟ ସରକାରଙ୍କ

- ନେତାଶୂନ୍ୟ ହୋଇଛି କଂଗ୍ରେସ
- ଧ୍ରୁବଙ୍କୁ ମୁକାବିଲା କରିବାକୁ ନେଇ ବିରୋଧୀଙ୍କ ଚିନ୍ତା

ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇ ଭୋଟ ଭିକ୍ଷା କରାଯାଉଛି। କଂଗ୍ରେସର କର୍ମୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅପାରଗତା କହି ସମାଲୋଚନା କରିଛନ୍ତି। କଂଗ୍ରେସ ସରକାରକୁ ଆସିଲେ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଗ୍ୟାରେଣ୍ଟି ଦିଆଯିବ କହି ଭୋଟ ଭିକ୍ଷା କରିବା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ରାଜନୀତିର ଏକ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ରାଜନଗର। ଯେତେବେଳେ ସାରା ରାଜ୍ୟର ଭୋଟର ବିଜୁ ପଟ୍ଟନାୟକଙ୍କଠାରୁ ମୁହଁ ଫେରାଇ ନେଇଥିଲେ ସେତେବେଳେ ରାଜନଗର ଭୋଟର ବିଜୁ ବାବୁଙ୍କୁ ଆପଣାଇ ନେବା ସହ ରାଜନୈତିକ ଜୀବନ୍ୟାସ ଦେଇଥିଲେ। ସେବେଠାରୁ ଓଡ଼ିଶା ରାଜନୀତିରେ ରାଜନଗର ନିର୍ବାଚନମଣ୍ଡଳୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବିଜୁ ବାବୁଙ୍କ ଅନୁଗତ ତଥା ରାଜନଗରର ଭୂମିପୁତ୍ର ନଳିନୀକାନ୍ତ ମହାନ୍ତି ଲଗାତାର ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ରେର୍କଡ କରିଥିଲେ। ବିଜେଡି ନଳିନୀଙ୍କ ସାଥି ଛାଡିଦେବା ପରେ ସେ କଂଗ୍ରେସର ହାତ ଧରି ନିର୍ବାଚନୀ ବୈତରଣୀ ପାର ହୋଇଥିଲେ। ୨୦୦୯ରେ ବିଧାନସଭା ପୁର୍ନଗଠନ ପରେ ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ନେଇ ନୂଆକରି ଗଠିତ ହୋଇଥିବା ରାଜନଗର ନିର୍ବାଚନମଣ୍ଡଳୀରେ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ୭ଥରର ବିଧାୟକ ଥିବା ନଳିନୀ ମହାନ୍ତିଙ୍କୁ ପ୍ରଥମ ଥର ପାଇଁ ପରାଜୟର ସ୍ୱାଦ ଚଖାଇଥିଲେ ବିଜେଡି ପ୍ରାର୍ଥୀ ଅଲେଖ ଜେନା। ଆଉ ୨୦୧୪ ନିର୍ବାଚନରେ ରାଜନଗର ନିର୍ବାଚନମଣ୍ଡଳୀର ଭୋଟର କଂଗ୍ରେସର ହାତ ଧରି ନଳିନୀଙ୍କ ପୁଅ ଅଂଶୁମାନଙ୍କୁ ବିଧାୟକ ଭାବେ ନିର୍ବାଚିତ କରିଥିଲେ। ମାତ୍ର ଅଳ୍ପ କିଛି ଭୋଟରେ ବିଜେଡିର ଧ୍ରୁବ ସାହୁ ପରାଜିତ ହେବା ସହ ଗଡ଼ ରକ୍ଷା କରିବାରେ ବିଫଳ ହୋଇଥିଲେ । କିନ୍ତୁ ଧ୍ରୁବ ସାହୁ ୨୦୧୯ ରେ ରାଜନଗରର ରାଜନୀତିରେ ବଡ଼ ଧରଣର ହଲଚଲ ସୃଷ୍ଟି କରି ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ଗତ ୨୦୧୪ ରୁ ୨୦୨୪ ଦଶ ବର୍ଷରେ ଧ୍ରୁବ ସଙ୍ଗଠନକୁ ମଜଭୁତ କରି ରଖିଛନ୍ତି । ଅନ୍ୟପକ୍ଷେ ରାଜନଗର ନିର୍ବାଚନମଣ୍ଡଳୀରେ ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ଯୋଗଦେଇ କେନ୍ଦ୍ରାପଡା ଏମ୍‌ପି ଟିକେଟ୍ ପାଇ ରଣାଗନକୁ ଓହ୍ଲାଇଛନ୍ତି । ଅନ୍ୟପକ୍ଷେ ଅଂଶୁମାନ କଂଗ୍ରେସ ରାଜନୀତିରେ ଅନ୍ୟତମ ଟାଣୁଆ ନେତା ଥିଲେ। ରାଜନଗର ନିର୍ବାଚନମଣ୍ଡଳୀରେ ତାଙ୍କର ଅଖଣ୍ଡ ପ୍ରଭାବ ଆଉ ପତିଆରା ରହିଛି । ଏବେ ସେ ବିଜେଡି କେନ୍ଦ୍ରାପଡ଼ା ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ନେତା ଶୁନ୍ୟ ହୋଇପଡିଛି । ସେପଟେ ଭାଜପା ପକ୍ଷରୁ ପ୍ରାର୍ଥୀ କିଏ ହେବ, ସେନେଇ ଦଳର ଆଶାୟୀ ପ୍ରାର୍ଥୀମାନେ ବି ଆଶା ଆଶଙ୍କାର ରହିଛନ୍ତି ।



ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆ ପାଳ ସାମୁଦ୍ରିକ ଥାନା ପକ୍ଷରୁ ବାବର-ଗଗୁଆରେ ପୋଲିସ ଓ ଅର୍ଦ୍ଧ ସାମରିକ ବାହିନୀର ରବିବାର ଫ୍ଲାଗ୍ ମାର୍ଚ୍ଚ।

## ଆଳି ଶିକ୍ଷା ମଣ୍ଡଳର ପୂଜ୍ୟପୂଜା ସମାରୋହ

ଆଳି,୩୧।୩
(ବନମାଳୀ ସେନାପତି)

ଆଳି ଶିକ୍ଷା ମଣ୍ଡଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ କାଳୀନ ଅବସର ଗ୍ରହଣ କରିଥିବା ୧୫ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରବିବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନିଆଳସ୍ଥିତ ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ନଳିନୀ ରଞ୍ଜନ ରାଉତ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଳି ଶିକ୍ଷା ମଣ୍ଡଳ ବିଆର୍‌ସିସି ଉଦୟ ନାଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ାର ପୂର୍ବତନ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ଡେରାବିଶର ପୂର୍ବତନ ସହ ଶିକ୍ଷା ଅଧିକାରୀ ନରହରି ସୁତାର, ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ସାମଲ, ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଶିକ୍ଷକ ସଂଘ ନେତା ଧୁଳେଶ୍ୱର ମହାନ୍ତି, କବି ଓ ଶିକ୍ଷାବିତ୍ ବନମାଳୀ ସେନାପତି ଓ ପ୍ରମୋଦ ମଲିକ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ଏ ସମାଜ ପ୍ରତି ଥିବା ଅବଦାନର ଅବତାରଣା କରିଥିଲେ। ଏହି ଅବସରରେ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଲୋଚନ ମହାଲିକ, ନିହାରୀକା ରାଉତ, ପ୍ରଣତୀ ମଲିକ, ନୃସିଂହ ଚରଣ ନନ୍ଦୀ, ବାସୁଦେବ ମଲିକ, ନରେନ୍ଦ୍ର ଦାସ, ଶ୍ରୀପତି ଭୂୟାଁ, ଜଗବନ୍ଧୁ ନନ୍ଦ, ବୀରେନ୍ଦ୍ର କୁମାର ଦାସ,ଆଦ୍ୟୈତ ପ୍ରସାଦ ଦାସ, ଚକ୍ରଧର ଦାଶ,ମହେଶ ପ୍ରସାଦ ପଣ୍ଡା, ଚଞ୍ଚଳା ଲେଙ୍କା, ଶ୍ରୀଧର ସୁତାର ଓ ଚାରୁଲତା ତରେଇଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଧ୍ରୁବଚରଣ ଜେନା ସଭାପତି

**ଜିଲା ବାର ଆସୋସିଏଶନ ନିର୍ବାଚନ**

କେନ୍ଦ୍ରାପଡା, ୩୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ବାର ଆସୋସିଏଶନ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ଜେନା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତ। ସେହିପରି ଉପସଭାପତି ଭାବେ କୁମାରୀ ନାୟକ, ସମ୍ପାଦକ ଭାବେ ବ୍ରଜସୁନ୍ଦର ରାଉତ ବିଜୟୀ ହୋଇଛନ୍ତି। ଏଥିସହିତ ଯୁଗ୍ମ ସମ୍ପାଦକ ପଦରେ ଚୈତନ୍ୟ ଚରଣ ମଲିକ, ଅତିରିକ୍ତ ଯୁଗ୍ମ ସମ୍ପାଦକରେ ସୁବାସ ଚନ୍ଦ୍ର ଭଦ୍ର, କୋଷାଧ୍ୟକ୍ଷରେ ନିରାକାର ପ୍ରଧାନ, ସଦସ୍ୟ ପ୍ରଭାତ ରଞ୍ଜନ ପାଣ୍ଡେ, ମହିଳା ସଭ୍ୟ ନିହାରିକା ଦାସପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନିର୍ବାଚନ ପରିଚାଳନା ଅଧିକାରୀ ସଞ୍ଜୟ କୁମାର ପତ୍ରୀ ସୂଚନା ଦେଇଛନ୍ତି ।

### ଧ୍ରୁବଙ୍କୁ ଯାଦବ ମହାସଂଘ ପକ୍ଷରୁ ସ୍ୱାଗତ

ରାଜନଗର,୩୧।୩
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଯାଦବ ମହାସଂଘ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ସ୍ୱାଗତ କରାଯାଇଛି । ତାଙ୍କୁ ପୁଣି ଥରେ ଟିକେଟ୍ ପ୍ରଦାନ କରାଯାଇଥିବାରୁ ପଟ୍ଟାମୁଣ୍ଡାଇ ଓ ରାଜନଗରରେ ଆନନ୍ଦରେ ଲହରୀ ଖେଳିଯାଇଛି। ରବିବାର ରାଜନଗର ବ୍ଲକ ଯାଦବ ମହାସଂଘର ସଭାପତି ଅସୀତ କବି, ସମ୍ପାଦକ ସର୍ବେଶ୍ୱର ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଯାଦବ ସଂଘର କର୍ମକର୍ତ୍ତା ଦେବାଶିଷ ପାଣ୍ଡବ, ଗନ୍ଧର୍ବ ଦାସ, ରବିନ୍ଦ୍ର ଦାସ, ବିଦ୍ୟାଧର ପଲାଇ, କିଶୋର ଦାସ, କାମଦେବ ପାଣ୍ଡବ, ଭୋଳାନାଥ ଦାସ, ଗୋବିନ୍ଦ ଦାସ, ଜୟୀରାମ ଦାସ, ହୃଷିକେଶ ଦାସ, ସୁଦର୍ଶନ ଦାସ ପ୍ରମୁଖ ବିଧାୟକଙ୍କୁ ଭୂବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

## ସରକାରୀ ଗାଡ଼ିରେ ପରିବାର ସହ ବୁଲୁଛନ୍ତି ରେଞ୍ଜ ଅଫିସର

ରାଜନଗର,୩୧।୩
(ଭାସ୍କର ରାଉତରାୟ)

ସରକାରୀ ଗାଡ଼ିରେ ଡ୍ୟୁଟି ଛାଡି ବାବୁ କରୁଛନ୍ତି ଭ୍ରମଣ। ବିନା ଛୁଟିରେ କାହାକୁ ନ ଜଣାଇ ସରକାରୀ ଗାଡ଼ି ନେଇ ପରିବାର ସଦସ୍ୟଙ୍କ ସହ କଟକ ଓ ଭୁବନେଶ୍ୱର ଘୁରି ବୁଲିବା ସହ ବିଳମ୍ବିତ ରାତ୍ରି ଯାଏଁ ଭୁବନେଶ୍ୱର ଏୟାରପୋର୍ଟରେ ରହିଥିଲେ। ସରକାରୀ ଗାଡ଼ି ବିଳମ୍ବିତ ରାତ୍ରିରେ ଏୟାରପୋର୍ଟରେ ପାର୍କିଂ କରିବା ଓ ବାହାରିବାର ଟିକେଟ ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ବନବିଭାଗର ଏହି ରେଞ୍ଜ ଅଫିସର ଜଣଙ୍କ ଦୁଇଦିନ ଧରି ସରକାରୀ ଗାଡ଼ି ନେଇ କିପରି ନିଜ ରେଞ୍ଜ ଏରିଆଠାରୁ ୧୪୦ କିମି ଦୂରକୁ ଗଲେ ଓ ପରିବାର ସଦସ୍ୟଙ୍କ ସହ ବୁଲିଲେ, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ରାଜନଗର ବନବିଭାଗ ରେଞ୍ଜ କାର୍ଯ୍ୟାଳୟରେ ପଟ୍ଟାମୁଣ୍ଡାଇ କୁନ୍ଦୁପୁର ଅଞ୍ଚଳର ଏକ ବୋଲେରୋ ଗାଡ଼ି ଭଡ଼ାରେ ଲାଗିଛି। ଗାଡ଼ିରେ ତେଲ ପୋଡ଼ିବା ଓ ମାସିକ ଭଡା ସରକାରୀ ତହବିଲରୁ ଦିଆଯାଉଛି। ମାତ୍ର ଏହି ଗାଡ଼ିକୁ ରାଜନଗର ରେଞ୍ଜର ରେଞ୍ଜ ଅଫିସର ବ୍ୟକ୍ତିଗତ କାର୍ଯ୍ୟରେ ବହୁ ସମୟରେ ବ୍ୟବହାର କରିଥାଆନ୍ତି । ଚଳିତମାସ ୨୭ ତାରିଖ ବୁଧବାର ଦିନ ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା ଏହି ସରକାରୀ ଗାଡ଼ିକୁ ନେଇ ତାଙ୍କ ଘରକୁ ଯାଇଥିଲେ। ସେଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଇଥିଲେ। ବିମାନ ବନ୍ଦରରେ ପହଞ୍ଚିବା ପରେ ରାତି ୧୧ଟା ୩୨ରେ ଗାଡ଼ି ପାର୍କିଂ କରିଥିଲେ। ତାଙ୍କ ପୁଅ ବିମାନରୁ ଓହ୍ଲାଇବା ପରେ ତାଙ୍କୁ ଏହି ସରକାରୀ ଗାଡ଼ିରେ ଆଣି

**ଗାଡ଼ି ପାର୍କିଂର ଟିକେଟ୍ ଭାଇରାଲ**




ରାତି ୧୧ଟା ୪୭ରେ ବିମାନ ବନ୍ଦରରୁ ବାହାରି ଆସିଥିଲେ। ବିମାନ ବନ୍ଦରରେ ପାର୍କିଂ ଟିକେଟ୍ ଓ ବାହାରିବା ସମୟର ଅନଲାଇନ ଟିକେଟ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ରେଞ୍ଜ ଅଫିସର ବିମାନ ବନ୍ଦରରୁ ପୁଅକୁ ଧରି ସରକାରୀ ଗାଡ଼ିରେ ବାହାରି ନିଜ ଘରକୁ ଫେରିଥିଲେ। ୨୯ ତାରିଖ ଦିନ ପରିବାର ସଦସ୍ୟଙ୍କ ସହ ବିଭିନ୍ନ ସ୍ଥାନ ବୁଲାବୁଲି କରିବା ପରେ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଫେରିଥିଲେ। ବୁଧବାର ଓ ଗୁରୁବାର ଦିନ ସରକାରୀ କାର୍ଯ୍ୟ ଦିବସରେ ରେଞ୍ଜ ଅଫିସର ସରକାରୀ ଭାବେ ଛୁଟି ନେଇଥିଲେ କି? ଯଦି ଛୁଟି ନେଇ ନ ଥିଲେ ତେବେ କଟକ, ଭୁବନେଶ୍ୱରରେ କାହିଁକି ବୁଲୁଥିଲେ। ଏ ସମ୍ପର୍କରେ ରେଞ୍ଜ ଅଫିସର ବେଉରାଙ୍କୁ ପଚାରିବାରୁ ସେ ୨୭ ତାରିଖ ଦିନ ଭୁବନେଶ୍ୱର ଏୟାରପୋର୍ଟ ଯାଇଥିବା ସ୍ୱୀକାର କରିଛନ୍ତି । ଏ ସମ୍ପର୍କରେ ଏସିଏଫ୍ ଗଗନ ବିହାରୀ ମଲିକଙ୍କୁ ପଚାରିବାରୁ ସରକାରୀ ଗାଡ଼ି ନେଇ ଘରୋଇ କାମରେ ଯିବା କଥା ନୁହେଁ, ଏ ସମ୍ପର୍କରେ ଡିଏଫ୍‌ଓ ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।

## ଶାଲ-୧୧ ଟିମ୍ ଚାମ୍ପିୟନ

**ରାତ୍ରିକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ**

ଡେରାବିଶ,୩୧।୩ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ବାଲୁଙ୍କେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୧୩ ରାତ୍ରିକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି । ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ ଟିମ୍ ଭାଗ ନେଇଥିଲେ। ଭୁବନେଶ୍ୱରର ଶାଲ -୧୧ ଓ ନୀଳକଣ୍ଠପୁର ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠପୁର ଟିମ୍ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଶାଲ -୧୧ ଟିମ୍ ୬ ଓଭରରେ ୪ ଉଇକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲେ । ଉକ୍ତ ରନ୍‌କୁ ପିଛା କରି ନୀଳକଣ୍ଠପୁର ୨୧ ରନ୍ ପଛରେ ରହିଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ମଦନ କୁମାର ଗିରି, ଅନନ୍ତ କିଶୋର ଭୂୟାଁ ଏବଂ ବୀରବର ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଶାଲ-୧୧ ଓ ରନର୍ସଅପ୍ ନୀଳକଣ୍ଠପୁରକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ପୂର୍ବତନ ସରପଞ୍ଚ ଭାଗବତ କାଣ୍ଡି, କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।



ବିଜେତା ଦଳକୁ ପୁରସ୍କୃତ କରାଯାଉଛି।

## ଘୁଷୁରି ପଲଙ୍କ ସହ ଶୈଶବ

ମହାକାଳପଡ଼ା,୩୧।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

୧୨ବର୍ଷର ଆଦିବାସୀ ବାଳକ ରାହୁଲ ସିଂ । ନିଜ ଘର ବାଲେଶ୍ୱର। ଘରର ଆର୍ଥିକ ସ୍ଥିତି ଏତେ ଦୟନୀୟ ଥିଲା ଯେ ଜନ୍ମ କଲା ମା' ଜଣେ ବ୍ୟକ୍ତିଙ୍କୁ ତାଙ୍କୁ ମାତ୍ର ୫୦ ହଜାର ଟଙ୍କାର ଟେକି ଦେଇଥିଲେ। ସେଦିନଠାର ରାହୁଲ ସେହି ବ୍ୟକ୍ତିଙ୍କ ପାଖରେ ଦିନ କାଟୁଛନ୍ତି । ଅର୍ଥାତ୍ ସମ୍ପୃକ୍ତ ବ୍ୟକ୍ତି ଜଣେ ଘୁଷୁରି ପାଳନକାରୀ । ତାଙ୍କ ଘୁଷୁରିକୁ ଚରାଇ ନେବା ଦାୟିତ୍ୱ ରାହୁଲ ବୁଝୁଛନ୍ତି। ଯେଉଁ ବୟସରେ ପିଲାମାନେ ନିଜ ମା'ଙ୍କ ପଣତ ତଳେ ନିରାପଦରେ ରହି ସୁନେଲି ସ୍ୱପ୍ନ ଦେଖିବା କଥା ସେହି ବୟସରେ ରାହୁଲଙ୍କ ଦିନ ବିତୁଛି ଗହୀରପାଟ ଘୁଷୁରି ପଲଙ୍କ ସହ। ଖରାତାତିକୁ ଖାତିର ନ କରି ରାହୁଲ ହାତରେ ପାଞ୍ଚଣ ଧରି ଘୁଷୁରି ଚରାଇବାରେ ଲାଗିଛନ୍ତି । ଏମିତି ଘୁଷୁରି ଚରାଉଥିବା ବେଳେ କେବେ କେବେ କାଳବୈଶାଖୀ ଆସେ । ବିଜୁଳି ଘଡ଼ଘଡ଼ି ମାରେ । ନିଛାଟିଆ ପଡ଼ିଆରେ ଥିବା ଗଛ ତଳେ ତାଙ୍କୁ ଆଶ୍ରୟ ନେବାକୁ ପଡ଼େ । ଏହି ସମୟରେ ତାଙ୍କର ମା' କଥା ବହୁତ ମନେପଡ଼େ। ମନେ ମନେ ରାହୁଲ କୁହେ, ମା'ମୁଁ ତୋର କି ଦୋଷ କରିଥିଲି ମୋତେ ଏ ଦଣ୍ଡ ମିଳୁଛି।

ସୂଚନା ଅନୁଯାୟୀ,ବାଲେଶ୍ୱରର ଜଣେ ଘୁଷୁରି ପାଳନକାରୀ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ରହି ଘୁଷୁରି ଚାଷ କରୁଛନ୍ତି । ରାହୁଲଙ୍କ ମା' ତାଙ୍କୁ କୁଆଡ଼େ ନିଜ ଦୁଃଖ ଜଣାଇଥିଲେ । ସେ ରାହୁଲଙ୍କ ମା'ଙ୍କୁ ୫୦ହଜାର ଟଙ୍କା ଦେଇ ପୁଅକୁ ମହାକାଳପଡ଼ା ନେଇ ଆସିଥିଲେ। ତାଙ୍କ ଆଶ୍ରାରେ ରାହୁଲ ଏବେ ଦିନ



ମହାକାଳପଡ଼ା ବ୍ଲକ କିଆବାରିଆ ଗହୀର ପାଟରେ ଘୁଷୁରି ପଲଙ୍କ ସହ ରାହୁଲ ।

- ପରିବାରର ଆର୍ଥିକ ସ୍ଥିତି ଦୁଃଖ ଦେଖିଛି
- ବହି,କଲମ ବଦଳରେ ହାତରେ ପାଞ୍ଚଣ

କାଟୁଛନ୍ତି। ରାହୁଲଙ୍କ ପରିବାର କହିଲେ ମା' ରାଇମନି ସିଂ, ବାପା ବାବୁ ସିଂ ଓ ଅନ୍ୟ ୨ ଭାଇଭଉଣୀ ଅଛନ୍ତି ବୋଲି ସେ କହିଛନ୍ତି । ସବୁ ପିଲାଙ୍କ ପରି ରାହୁଲଙ୍କ ପାଠ ପଢ଼ିବାର ଆଗ୍ରହ ଅଛି। କିନ୍ତୁ ଘରର ପରିସ୍ଥିତି ମୋତେ ସଜେଇ ଦେଇଛି ଘୁଷୁରି ଚରାଳି ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି, ଜିଲା ପ୍ରଶାସନ ରାହୁଲଙ୍କୁ ଉଦ୍ଧାର କରିବା ସହ ଆଦିବାସୀ ଆବାସିକ ବିଦ୍ୟାଳୟରେ ପାଠ ପଢାଇବାର ବ୍ୟବସ୍ଥା କରିବା ଉଚିତ । ବାଲେଶ୍ୱର ଜିଲାପାଳ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବାକୁ ଦାସ ନିବେଦନ କରିଛନ୍ତି ।

# ବଡ଼ଗୋଠ ସମିତି ସଭ୍ୟଙ୍କ ପରଲୋକ

ନୂଆଗାଁ,୩୧।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବଡ଼ଗୋଠ ପଞ୍ଚାୟତ ସମିତି ସଭ୍ୟା ନନ୍ଦିନୀ ନାୟକ (୪୨)ଙ୍କ ଶନିବାର ପରଲୋକ ହୋଇଯାଇଛି । ସେ କିଛି ମାସ ହେଲା ଅସୁସ୍ଥ ଥିଲେ ।ଚିକିତ୍ସା ପରେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ଆସି ନ ଥିଲା । ଶନିବାର ରାତି ପ୍ରାୟ ୧୧ ଟା ସମୟରେ ଡିମିରିଝରିସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି । ସମିତି ସଭ୍ୟା ନାୟକଙ୍କ ବଡ଼ପୁଅ ସୁମନଜିତ ନାୟକ ମୁଖାଗ୍ନି ଦେଇଥିଲେ। ସମିତି ସଭ୍ୟାଙ୍କ ମୃତ୍ୟୁରେ ବଡ଼ଗୋଠ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଖବର ପାଇ ନୂଆଗାଁ ବିଡିଓ ବାସୁଦେବ ନାୟକ, ଜିପିଓ ସାଧୁ ଚରଣ ସାହୁଙ୍କ ସମେତ ନୂଆଗାଁ ବ୍ଲକର ବହୁ ନେତା ଓ କର୍ମୀ ଶୋକପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



ନନ୍ଦନୀ ନାୟକଙ୍କ ଫାଇଲ ଫଟୋ।

# ନିର୍ବାଚନୀ ବଣ୍ଡ ଖୋଲିଲା ରାଜନୈତିକ ପାର୍ଟିର ଗୁମର

ନୟାଗଡ଼,୩୧।୩ (ଲୋକନାଥ ମିଶ୍ର)

ନୟାଗଡ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମିଡ଼ିଆ ସେଲ ଅଧକ୍ଷ ବିଶ୍ୱରଞ୍ଜନ ମହାନ୍ତି ଯୋଗ ଦେଇ କହିଛନ୍ତି, ନିର୍ବାଚନୀ ବଣ୍ଡ ବିଜେଡି ଓ ଭାଜପାର ଗୁମର କଥା ଖୋଲିଦେଇଛି। ପିସିସି ମିଡିଆ ସେଲ ଅଧକ୍ଷଙ୍କ ସୂଚନା ଅନୁଯାୟୀ, ବିଜେଡି ଓ ଭାଜପା ଚାନ୍ଦା ଅସୁଲି ରାଜନୈତିକ ଦଳ । ରାଜନୈତିକ ପାଣ୍ଠି ଆଦାୟ ପାଇଁ ଇଡି, ସିବିଆଇ ଏବଂ ଆଇଟିକୁ ବ୍ୟବହାର କରିଛନ୍ତି । ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀମାନଙ୍କ ବିରୋଧରେ ଇଡି, ସିବିଆଇ ଏବଂ ଆଇଟିକୁ ବ୍ୟବହାର କରି ଭୟଭୀତ କରି ଭାଜପା ୬ ବର୍ଷ ଭିତରେ ୮ ହଜାର ୨୫୨ କୋଟି ଟଙ୍କା ରାଜନୈତିକ ପାଣ୍ଠି ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ବିଜେଡି ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ଭାରତ ବର୍ଷର ରାଜନୈତି ଚାନ୍ଦା ପାଇଥିବା ୫ମ ବୃହତ୍ତମ ଦଳ। ଏହି ଚାନ୍ଦା ୨୦୧୮ ଜୁଲାଇରୁ ୨୦୨୪ ଫେବୃଆରୀ ମଧରେ ବିଜେଡି ବିଭିନ୍ନ ଖଣି କମ୍ପାନୀ ଏବଂ ଷ୍ଟିଲ କମ୍ପାନୀମାନଙ୍କଠାରୁ ପାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ପିସିସି ମିଡ଼ିଆ ସେଲ ଅଧକ୍ଷ ଆହୁରି କହିଥିଲେ ବର୍ଷ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କୁ ଭୂଆଁ ବୁଲାଉଥିବା ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ହେଉଛନ୍ତି ଭାରତର ସବୁଠାରୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ । ରାଜ୍ୟ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବର୍ଷ ବର୍ଷ ଧରି ଉପେକ୍ଷା କରି ପୁଞ୍ଜିପତିମାନଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକି ଦେଇ ଅନେକ କୋଟି ଟଙ୍କା ରାଜନୈତିକ ପାଣ୍ଠି ବଢ଼ାଇ ଚାଲିଛନ୍ତି। ଭାରତବର୍ଷର ଗଣତନ୍ତ୍ର ବଞ୍ଚିନାହିଁ ବୋଲି ଧରିନେବାକୁ ହେବ ବୋଲି ସେ କହିଛନ୍ତି । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ବିଜେଡି କେବଳ ଖଣି ଓ ଷ୍ଟିଲ କମ୍ପାନୀମାନଙ୍କ ପାଖରୁ ଚାନ୍ଦା ଆଦାୟ କରି ନାହିଁ । ଏପରିକି କଲିକତାର ଦୁଇଟି ମଦ ବ୍ୟବସାୟୀ କରୁଥିବା କମ୍ପାନୀ ପାଖରୁ ମଧ୍ୟ ନିର୍ବାଚନ ପାଣ୍ଠି ଆଦାୟ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ହୁସେନ ଖାନ, ଜିଲା କଂଗ୍ରେସ ମେ ସେଲ ଅଧକ୍ଷ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବର୍ଗ।

# ମାଉସୀ ଝିଅ ଭଉଣୀଙ୍କୁ ବଳାତ୍କାର ଅଭିଯୋଗ

ନୟାଗଡ଼,୩୧।୩ (ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଜୟମଙ୍ଗଳପ୍ରସାଦ ଅଞ୍ଚଳର ମାଉସୀ ଘରେ ମାଉସୀ ଝିଅ ନାବାଳିକା ଭଉଣୀଙ୍କୁ ମାଉସୀ ପୁଅ ଭାଇ ବଳତ୍କାର କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ନୟାଗଡ଼ ସଦର ଥାନା ପୋଲିସ ପୀଡ଼ିତାଙ୍କୁ ପଚରାଉଚୁରା କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବଳାତ୍କାର ପରେ ନାବାଳିକା ଅସୁସ୍ଥ ହୋଇଥିଲେ । ବାରମ୍ବାର ସେ ଅଚେତ ହୋଇ ପଡ଼ିଥିଲେ। ପୀଡ଼ିତାଙ୍କ ମା'ଙ୍କ ସୂଚନା ଅନୁସାରେ ମୋ ୧୬ ବର୍ଷର ଝିଅକୁ ତା'ର ମାଉସୀ ଜାଗରରେ ଘରକୁ ନେଇଥିଲେ । ଦୋଳ ପୂର୍ଣ୍ଣିମା ପରେ ଝିଅ ନ ଆସିବାରୁ ମା'ଯାଇ ହୋଲି ପରେ ଝିଅକୁ ଘରକୁ ଆଣିଥିଲେ। ଝିଅ ଘରକୁ ଆସିବା ପରେ ତାଙ୍କ ହାବଭାବ ଓ ଚାଲି ଚଳଣିରେ ପରିବର୍ତ୍ତନ ଦେଖା ଦେଇଥିଲା । ଏପରିକି ବିଭିନ୍ନ ସମୟରେ ଝିଅ ଅସୁସ୍ଥ ହୋଇ ପଡିଥିଲେ। ପରିବାର ପକ୍ଷରୁ ଝିଅକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରକୃତ ରହସ୍ୟ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲା । ଝିଅର ହାବଭାବକୁ ଲକ୍ଷ୍ୟ କରି ବଳାତ୍କାର ସନ୍ଦେହ କରି ନୟାଘନ ସଦର ଥାନାରେ ଅଭିଯୋଗ କରାଯାଇଥିଲା । ଅନ୍ୟପକ୍ଷେ ଚିକିତ୍ସା ପରେ ଝିଅର ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିଲା । ଝିଅ ପରିବାର ଲୋକଙ୍କୁ ବଳାତ୍କାର ସମ୍ପର୍କରେ କହିଥିଲେ । ହୋଲି ଦିନ ମାଉସୀପୁଅ ଭାଇଠାରୁ ଖାଦ୍ୟ ଖାଇବା ପରେ ଅଚେତ ହୋଇ ପଡିଥିଲେ । ପରେ ନିଦ ଭାଙ୍ଗିଲା ବେଳକୁ ଉଲଗ୍ନ ହୋଇଥିବାର ଦେଖିବାକୁ ପାଇଲେ । ବଳାତ୍କାର ନେଇ ଅନୁଭବ କରିଥିଲେ । ଏନେଇ ଆମେ ପୋଲିସକୁ ଉପଯୁକ୍ତ ତଥ୍ୟ ଦେଇଛୁ । ଝିଅକୁ ବଳାତ୍କାର ଘଟଣାରେ ମୋ ଭଉଣୀ ପରିବାର ଲୋକ ସାମିଲ ଥିବା ଆମେ ଜାଣିବାକୁ ପାଇଛୁ ବୋଲି ସେ କହିଛନ୍ତି । ନୟାଗଡ ସଦର ଥାନା ଆଇଆଇସି ଅନିତା ସାହୁ କୁହନ୍ତି,ଝିଅ ସାବାଳିକା କି ନାବାଳିକା ଏବଂ ବଳାତ୍କାର ହୋଇଛି କି ନାଁ ଆମେ ତଦନ୍ତ କରୁଛୁ । ପୁଣି ପୀଡ଼ିତାଙ୍କୁ ପଚରାଉଚୁରା କରୁଛି । ବଳାତ୍କାର ନେଇ ଅଭାସ ମିଳିବା ପରେ ଥାନା ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଚାରଣ ଗୋଷ୍ଠୀର ପ୍ରାଦେଶିକ ସମ୍ମିଳନୀ ଉଦ୍‌ଘାଟିତ



ଚାରଣ ଗୋଷ୍ଠୀର ପ୍ରାଦେଶିକ ସମ୍ମିଳନୀରେ ଯୋଗ ଦେଇଥିବା ସାଧୁସନ୍ଥ।

ଶରଣକୁଳ,୩୧।୩ (ଦୀପକ କର)

ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଚଢ଼େୟାପଲ୍ଲୀ ଗ୍ରାମରେ ରବିବାର ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ୪୭ତମ ପ୍ରାଦେଶିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସକାଳେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଚାରଣମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ନିକଟସ୍ଥ ଦୁଆଣ୍ଟ ନଦୀରୁ ୧୦୮କଳସୀରେ ଜଳ ଉତ୍ତୋଳନ କରି ଯଜ୍ଞ ସ୍ଥଳକୁ ଚାରଣମାନେ ଆଣିଥିଲେ। ନଗରକୀର୍ତ୍ତନ ପରେ ବ୍ରାହ୍ମଣମାନଙ୍କ ମନ୍ତ୍ରଉଚ୍ଚାରଣ ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଥିଲା। ଦଳପତି ପ୍ରାଧ୍ୟାପକ ଡ.ଗୋପାଳ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷାର ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ଡ.ଗୋବିନ୍ଦ ଚନ୍ଦ୍ର ଦାଶ। ସାରା ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୫୦୦ରୁ ଅଧିକ ଚାରଣ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଏହି ପ୍ରାଦେଶିକ ସମ୍ମିଳନୀ ତିନିଦିନ ଧରି ଅନୁଷ୍ଠିତ ହେବ। ଆଜିର ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀମନ୍ଦିରର ବରିଷ୍ଠ ସେବକ କୃଷ୍ଣ ଚନ୍ଦ୍ର ପୂଜା ପଣ୍ଡା ସାମନ୍ତ, ବରିଷ୍ଠ ଦଇତାପତି ଲୋକନାଥ ଦାସ ମହାପାତ୍ର ଓ ବରିଷ୍ଠ ସୁଆର ବଳଭଦ୍ର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ପ୍ରବାଚକ ଇଂ.ପାର୍ଥ ସାରଥି ମହାନ୍ତି ଯୋଗଦେଇଥିଲେ । ସଭାକୁ ସଂଯୋଜନା କରିଥିଲେ ଅନୁଷ୍ଠାନର ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ସମସ୍ତ ବ୍ୟବସ୍ଥାର ନିୟନ୍ତ୍ରଣ କରିଥିଲା ବେଳେ ଚଢୟାପଲ୍ଲୀ ଗ୍ରାମବାସୀ ଜିଲା ସମ୍ପାଦକ ଡ.ପ୍ରମୋଦ କୁମାର ପାଗଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ସଭାରେ ଅନୁଷ୍ଠାନର ମୁଖପାତ୍ର ଉନ୍ନନା ଅତିଥିମାନଙ୍କ ଉନ୍ମୋଚିତ ହୋଇଥିଲା।

# ଶରଣକୁଳ ପାକ୍ସ ସମ୍ପାଦକଙ୍କ ନାଁରେ ମାମଲା

ନୟାଗଡ଼/ଶରଣକୁଳ,୩୧।୩
(ଲୋକନାଥ ମିଶ୍ର/ଦୀପକ କର)

- ଆର୍ଥିକ କ୍ଷମତା ଅପସାରଣ ପରେ ଥାନାରେ ଅଭିଯୋଗ ହୋଇଥିଲା
- ଚାଷୀଙ୍କ ୧୪୩୩ କୁଇଣ୍ଟାଲ ଧାନ ହେରଫେର ଧରାପଡ଼ିଲା

ନୟାଗଡ଼ ଜିଲା ଶରଣକୂଳ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ନାଁରେ ଶରଣକୁଳ ଥାନାରେ ମାମଲା ହୋଇଛି । ଚାଷୀଙ୍କ ୧୪୩୩ କୁଇଣ୍ଟାଲ ଧାନ ହେରଫେର ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୪୦୯ ଆଇପିସି ଦଫାରେ ୭୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପ୍ରକାଶ ଯେ, କଳସାଖମଣ ଓ ଶରଣକୂଳ ପାକ୍ସରେ ମିଥ୍ୟା ଧାନକିଣା ପର୍ଦ୍ଦାଫାସ ପରେ ଚାଷୀଙ୍କ ଅଭିଯୋଗ ସତ୍ୟତା ପ୍ରମାଣିତ ହୋଇଥିଲା । ମିଥ୍ୟା ଧାନକିଣା ଘଟଣାରେ ଶରଣକୂଳ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଆର୍ଥିକ କ୍ଷମତା ପ୍ରଥମେ ଅପସାରଣ କରାଯାଇଥିଲା । ଶରଣକୁଳ ସମ୍ପାଦକଙ୍କ ସ୍ଥାନରେ ଚଢ଼େୟାପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପଦ୍ମ ଚରଣ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଏଆରସିଏସ୍ ଚିଠ ନଂ ୭୩୨/୭।୩।୨୦୨୪ରେ ଆଦେଶ ପ୍ରଦାନ କରିଥିଲେ । ପରେ ଚଢ଼େୟାପଲ୍ଲୀ ପ୍ୟାକ୍ସ ସମ୍ପାଦକ ଦାୟିତ୍ୱ ନେଇଥିଲେ । ସେହିଭଳି ଦଶପଲ୍ଲା ବ୍ଲକ କଳାସଖମଣ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କ ନାମରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତରେ କଳସାଖମଣ ପାକ୍ସରେ ୫୦୯ କୁଇଣ୍ଟାଲ ଧାନ କିଣାରେ ଅନିୟମିତତା ନଜରକୁ ଆସିଥିଲା। ୫୦୯ କୁଇଣ୍ଟାଲ ଧାନ ପି ପାସ ପୋର୍ଟାଲ ଏଣ୍ଟ୍ରି ହୋଇ ନ ଥିଲା। ଏନେଇ ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା କୁହନ୍ତି, ଚାଷୀଙ୍କଠାରୁ ଧାନ କିଣାଯାଇଥିଲେ ହେଁ ମିଲରଙ୍କୁ ଧାନ ଦେଇ ନ ଥିଲେ ଶରଣକୁଳ ପ୍ରାଥମିକ କୃଷି ସମବାୟ ସମିତର ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର। ୧୪୩୩ କୁଇଣ୍ଟାଲ ଧାନକୁ ସମ୍ପାଦକ ଆତ୍ମସାତ କରିଥିଲେ । ଓଡ଼ଗାଁ ବ୍ଲକ ଏରିଆ ଅଫିସରଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଛନ୍ତି ।

# ବନମାଳୀପୁର ପଞ୍ଚଦୋଳ ମେଳଣ



ଦୋଳ ମେଳଣରେ ସାମିଲ ହୋଇଥିବା ବିମାନ।

ଖଣ୍ଡପଡା,୩୧।୩
(ଅଜୟ କୁମାର ମହାରଣା)

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପଞ୍ଚୁଦୋଳ ଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଛି ବନମାଳୀପୁର ଗ୍ରାମ । ବନମାଳୀପୁର ଗ୍ରାମର ଆରାଧ ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ମନ୍ଦିର ସମ୍ମୁଖସ୍ଥ ପଞ୍ଚୁଦୋଳ ମେଳଣ ପଡିଆରେ ଶନିବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି । ସ୍ଥାନୀୟ ଆରାଧ ସୋମାନାଥଦେବ ଜୀଉ ମନ୍ଦିର ନିକଟ ପଞ୍ଚୁଦୋଳ ପଡ଼ିଆରେ ମନ୍ଦିରର ସମସ୍ତ ଦେବ ନୀତି ସମାପନ ପରେ ସୋମନାଥଦେବ, ସ୍ୱପ୍ନେଶ୍ୱର ଦେବ, ରସିକମୋହନ, ବାଲୁଙ୍କେଶ୍ୱର ଦେବ, ରାଧାକାନ୍ତ, ଚୈତନ୍ୟ ଦେବ

## ୮ଟି ବିମାନରେ ଠାକୁର ବିଜେହେଲେ

ଆଦି ୮ଟି ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ବନମାଳୀପୁର ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡିଆକୁ ବିଜେ ହୋଇଥିଲେ । ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ରାଜରାଜୁଡା ଅମଳରୁ ପାଳିତ ହୋଇ ଆସୁଥିବା ଏହି ମେଳଣକୁ ଦେଖିବା ପାଇଁ ବନମାଳୀପୁର ଆଖପାଖ ୧୦ଟି ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି । ୫ଦିନ ବ୍ୟାପୀ ଏହି ମେଳଣ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ସନ୍ଧ୍ୟାରେ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ସିଧାମୂଳାରେ ଦଣ୍ଡୋତ୍ସବ ଆରମ୍ଭ

ଖଣ୍ଡପଡ଼ା,୩୧।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ କ୍ଷେତ୍ର ମହାନଦୀ ଉପକଣ୍ଠରେ ବିରାଜିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ୧୫ ଦିନିଆ ଦଣ୍ଡୋତ୍ସବ ଶନିବାର ମଧ ରାତ୍ରରୁ ଆରମ୍ଭ ହୋଇଛି। ଏ ଅବସରରେ ପାଟଭୋକ୍ତା ପ୍ରଶନ୍ନ କୁମାର ନାୟକ, ପାଟ ଦଣ୍ଡୁଆ କୁଳମଣି ଦଳେଇଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ମହାନଦୀ ସେତୁ ଘାଟରେ ଏକତ୍ରୀତ ହୋଇ ଏହି ଦୁର୍ଲଭ ପାରମ୍ପରିକ କାର୍ଯ୍ୟ ସଂପାଦନ କରିଥିଲେ । ପଣ୍ଡିତ ଉଦ୍ୟନାଥ ମିଶ୍ରଶର୍ମା ଓ ସାଧନ ମିଶ୍ର ଶର୍ମା ପୂଜାକାର୍ଯ୍ୟ ସଂପାଦନ କରିଥିଲେ । ଶନିବାର ସନ୍ଧ୍ୟାରେ ମାନସିକଧାରୀ ଭକ୍ତାମାନେ ଗ୍ରାମ ପରିକ୍ରମା କରି ଥାଟଭିକ୍ଷା କରିଥିଲେ । ରବିବାର ଅପରାହ୍ନରେ ଭକ୍ତାମାନେ ଠାକୁରଙ୍କ ସହ ମହାନଦୀ ଘାଟକୁ ସ୍ନାନ ସାରି ଗ୍ରାମ ପରିକ୍ରମା କରିଥିଲେ । ୧୫ ଦିନ ଧରି ଆୟୋଜିତ ଦଣ୍ଡପର୍ବରେ ବହୁ ମାନସିକଧାରୀ ନିଷ୍ଠା ଓ କାଷ୍ଠାର ସହ ସାମିଲ ହୋଇଛନ୍ତି । ପାଣିତୋଳା ପରେ ପ୍ରତିଦିନ ସନ୍ଧ୍ୟାରେ ମା'ଦଣ୍ଡକାଳୀ ଗ୍ରାମ ପରିକ୍ରମା କରୁଛନ୍ତି । ଦଣ୍ଡୁଆମାନେ ଗାଁ ଦାଣ୍ଡରେ ନୃତ୍ୟର ତାଳେ ତାଳେ ଗଲାବେଳେ ହରିବୋଲ ହୁଳହୁଳି ଧ୍ୱନୀ ଯୋଗୁଁ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଛି। ଆସନ୍ତା ମେରୁପର୍ବରେ ଦଣ୍ଡ ଯାତ୍ରା ସଂପନ୍ନ ହେବା ସହ ପଣା ସଂକ୍ରାନ୍ତୀରେ ଝାମୁ ଚଲାପର୍ବ ଅନୁଷ୍ଠିତ ହେବ।

# ନବନିର୍ମାଣ କୃଷକ ସଂଗଠନର ସମାବେଶ

ଆର.ଉଦୟଗିରି, ୩୧।୩(ମନୋଜ କୁମାର ପାଢୀ)

ଆର,ଉଦୟଗିରି ଶିବ ମନ୍ଦିର ନିକଟତମ ପଡିଆରେ ଶନିବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଧାନ କୁଇଣ୍ଟାଲ ପିଛା ୩ ହଜାର ୪୦୦ ଟଙ୍କା, ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତା ୩ ହଜାରକୁ ବୃଦ୍ଧି, ପ୍ରତି ପଞ୍ଚାୟତରେ ମକା, ମାଣ୍ଡିଆ ଓ କପାର ସ୍ଥାୟୀ ମଣ୍ଡି ନିର୍ମାଣ, ଚାଷୀଙ୍କ ପ୍ରତ୍ୟେକ ପରିବାରକୁ ମାସିକ ସୁରକ୍ଷା ଭତ୍ତା ୫ ହଜାର, କାଜୁ, ସପୁରୀ,ଆମ୍ବ ଓ ପଣସର ପ୍ରକ୍ରିୟା କାରଣ ଶିଳ୍ପ ନିର୍ମାଣ, ମଦମୁକ୍ତ ଓଡିଶା ଗଠନ ଓ ଶିକ୍ଷା ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ଦାବି କରି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ ବିଶାଳ ରାଲିକରି ଗ୍ରାମ ପରିକ୍ରମା କରିଥିଲେ।

# ସୋମନାଥ ଦେବ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ

ନୂଆଗାଁ,୩୧।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ହରିପୁର ସୋମନାଥ ଦେବ ବିଦ୍ୟାପୀଠର ୨ ଶିକ୍ଷକ , ଜଣେ ପିଅନ ଓ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ଅଧ୍ୟାପକ ଜୟକୃଷ୍ଣ ସାହୁ ୨ମାସ ହେଲା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ରହିଥିବା ବେଳେ ଚଳିତ ମାସରେ ଅଧ୍ୟାପକ ସାହୁଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ତେଣୁ ଏହି ଅବସରରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି।

ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମହେଶ୍ୱର ପ୍ରଧାନ, ବିଜୟ କୁମାର ସାହୁ, ପ୍ରଦୀପ କୁମାର ଖଣ୍ଡୁଆଳ, ଅଧ୍ୟାପିକା ମଧୁମିତା ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେହିପରି ହରିପୁର ପଞ୍ଚାୟତ ସୋମନାଥ ଦେବ ବିଦ୍ୟାପୀଠ ଶିକ୍ଷକ ପରମେଶ୍ୱର ମହାପାତ୍ର, ଶିକ୍ଷକ ତ୍ରିନାଥ ମିଶ୍ର ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଭିକାରୀ ମହାପାତ୍ରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତେଣୁ ୩ ଜଣଙ୍କୁ ସ୍କୁଲ ପରିଚାଳନା କମିଟି, ସ୍କୁଲ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ତରଫରୁ ସ୍କୁଲ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ।





ସୋମନାଥ ଦେବ ବିଦ୍ୟାପୀଠରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ।

# କର୍ମକୁ ଶ୍ରଦ୍ଧାର ସହ ସମ୍ପାଦନ କଲେ ସୁଫଳ ନିଶ୍ଚିତ



ମଞ୍ଚାସୀନ ଅତିଥିବୃନ୍ଦ ।

ନୂଆଗାଁ,୩୧।୩ (ଧନେଶ୍ୱର ସାହୁ)

## ପୁରାତନ ଛାତ୍ର ସଂସଦ ପକ୍ଷରୁ ବନ୍ଧୁ ମିଳନ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ସମ୍ପାଡା ଚିନ୍ତାମଣି ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ମହୋତ୍ସବ ରବିବାର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲା ତଥା ଜିଲା ବାହାରେ ଖ୍ୟାତି ଅର୍ଜନ କରିଥିବା ସମ୍ପାଡା ଚିନ୍ତାମଣୀ ବିଦ୍ୟାପୀଠ ୧୯୮୮ରେ ପ୍ରତିଷ୍ଠା କରାଯାଇଥିଲା । ସମ୍ପାଡା ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ଉଦ୍ୟମରେ ସ୍କୁଲଟି ବିଭିନ୍ନ କ୍ଷେତ୍ରରେ ସୁନାମ ଆଣିଛି । ତେବେ ଉକ୍ତ ସ୍କୁଲଟିକୁ ପୁରାତନ ଛାତ୍ର ସମ୍ପଦ ଦରାରଖି କରି ତାହାର ଉନ୍ନତି ପାଇଁ ଉଦ୍ୟମ କରୁଛି । ପ୍ରତି ବର୍ଷ ମହୋତ୍ସବ ମାଧ୍ୟମରେ ସ୍କୁଲ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରାଯାଏ । ଏହି ଅବସରରେ ଛାତ୍ର ସଂସଦର ସମ୍ପାଦକ ସୁଧୀର କୁମାର ପ୍ରଧାନ ବିବରଣୀ ପାଠ କରି ସ୍କୁଲର ସମସ୍ୟାକୁ ଲୋକ ଲୋଚନକୁ ଆଣିଥିଲେ । ଶିକ୍ଷାରେ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ତରଫରୁ ପୁରସ୍କୃତ ହେବା ସହ ଯୋଗ ଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ୧୨ ବର୍ଷର ବାଳକ ଜଗବନ୍ଧୁ ସାମନ୍ତରା ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ଅନେକ ସୁନାମ ଆଣୁଥିବା ସ୍କୁଲଟି ଶିକ୍ଷକ ଅଭାବ, ୫-ଟି ଯୋଜନାରେ ସାମିଲ କରିଥିଲେ ମଧ୍ୟ ଟିଣ ଛପର ଘରକୁ ପକ୍କା ନ କରାଯିବା, ପାଚେରୀ ନ ଥିବା ଭଳି ଅନେକ ସମସ୍ୟା ରହିଥିବା ବିବରଣୀରେ ସ୍ଥାନିତ କରାଯାଇଥିଲା । ତେବେ ସରକାର ଶିକ୍ଷକ ସମସ୍ୟା ଦୂର ନ କଲେ ପୁରାତନ ଛାତ୍ର ସଂସଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପୁରାତନ ଛାତ୍ର ତଥା ସଂଯୋଜକ ଉତ୍ପଳ କୁମାର ସାହୁ କହିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ସାଉଁଟା ଶାଳୁଆ ଫୁଲର ବାସ୍ନା ପେଡି ମାଧ୍ୟମରେ ଏକ ନିଆରା ଢଙ୍ଗରେ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ବିଦ୍ୟାଳୟର ସଂପୂର୍ଣ୍ଣ ତଥ୍ୟକୁ ନେଇ ରଚିତ ବିଦ୍ୟାଳୟ ବନ୍ଦନା ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଆମେ ଯଦି ନିଜ କର୍ମକୁ ଶ୍ରଦ୍ଧାର ସହ ସମ୍ପାଦନ କରିବା ତେବେ ନିଶ୍ଚିତ ଭାବେ ସୁଫଳ ପାଇବା ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ନାୟକ କହିଥିଲେ । ମାଳ ମାଳ ସ୍କୁଲ ଖୋଲିଦେଲେ ହେବନି । ଓ୍ୟାନ ସ୍କୁଲ ଓ୍ୟାନ ଆଇଏଏସ୍ ସୃଷ୍ଟି କରିବାର ଆଭିମୁଖ୍ୟ ରଖି ସ୍କୁଲ ଖୋଲିବା ପାଇଁ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚରଣ ନାୟକ କହିଥିଲେ। ସେହି କଥାକୁ ରଖି ସ୍କୁଲ ଅନେକ କୃତୀ ଛାତ୍ରୀଛାତ୍ର ସୃଷ୍ଟି କରିଛି ବୋଲି ମୁଖ୍ୟ ଅତିଥି ନାୟକ କହିଥିଲେ । ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ଗୋଛାୟତ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କୁମାର ଖଣ୍ଡୁଆଳ, ସମ୍ପାଦକ ପ୍ରଧାନ, ଚିନ୍ତାମଣୀ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଅତିଥି ଭାବେ ଯୋଗ ଦେଇଥିଲେ । ନାଟକ ଶେଷ ଚିଠି ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ଶ୍ରୀଧର ବେହେରା ଓ ଉତ୍ପଳ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ତୃଣମୂଳସ୍ତରରେ ପହଞ୍ଚୁ ନାହିଁ ବିକାଶ

## କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୧ ବର୍ଷ

- କର୍ମନିଯୁକ୍ତି ସମସ୍ୟାରେ ଛଟପଟ ଜିଲାବାସୀ
- ରାଜନେତା, ପ୍ରଶାସକଙ୍କ ସମନ୍ୱୟ ଜରୁରୀ

**କେନ୍ଦ୍ରାପଡ଼ା,୩୧।୩ (ଜଗନ୍ନାଥ ଧଳ)**

ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୩ ଏପ୍ରିଲ ୧ରେ ଅବିଭକ୍ତ କଟକ ଜିଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ କରାଯାଇଥିଲା । ଇତିମଧ୍ୟରେ ଏହି ଜିଲା ମାନ୍ୟତାକୁ ୩୧ ବର୍ଷ ବିତିଛି । ଜିଲା ଗଠନ ପରେ ଏହାର ବିକାଶକୁ ନେଇ ସ୍ୱପ୍ନ ଦେଖିଥିବା ଜିଲାବାସୀ ଏବେବି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଦିନ କାଟୁଛନ୍ତି । ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା, ସୁବିଧା ଓ ଉନ୍ନୟନ ଯୋଜନା ପହଞ୍ଚି ପାରି ନ ଥିବା ବେଳେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା ହୋଇଛି । କୃଷି ଅର୍ଥନୀତିଭିତ୍ତିକ ଏହି ଜିଲା ଅର୍ଥନୀତି ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଅଛି । ତୃଣମୂଳସ୍ତରରେ ଯୋଜନା ପହଞ୍ଚିବା ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ମତାମତ ମିଳିଛି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ସହିତ ଅବିଭକ୍ତ କଟକ ଜିଲାରୁ ପଡୋଶୀ ଯାଜପୁର ଓ ଜଗତସିଂହପୁର ଜିଲା ଗଠନ ହୋଇଥିଲା । ଏହି ଦୁଇ ଜିଲାରେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟରେ ଆର୍ଥିକ ଓ ସାମାଜିକ ବିକାଶ ହେଉଥିବା ବେଳେ କେନ୍ଦ୍ରାପଡ଼ା ଖୁବ ପଛରେ ରହିଛି । ଜିଲାରେ ଏବେ ୧୬ ଲକ୍ଷରୁ ଅଧିକ ଅଧିବାସୀ ୧୫୯୨ ରାଜସ୍ୱ ଗ୍ରାମରେ ଅଛନ୍ତି । ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ାକୁ ମାନ୍ୟତା ଦିଆଯାଇଛି । ହେଲେ ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା ପହଞ୍ଚି ପାରି ନାହିଁ । ଅଦ୍ୟାବଧି ଜିଲାର ୧୬ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ଆପାତକାଳୀନ ସମୟରେ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନାହିଁ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ କେତେକ ପଡା ଅଞ୍ଚଳକୁ ବିଦ୍ୟୁତ ସେବାରୁ ବଞ୍ଚିତ କରାଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ପୂରଣ ହୋଇ ପାରୁ ନ ଥିବାରୁ ଜିଲାବାସୀଙ୍କ ସୁଖଦ ସ୍ୱପ୍ନ ହଜିଥିବା ସେ ପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଶିଳ୍ପବିହୀନ ଏହି ଜିଲାରେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା । ୫୭ ହଜାରରୁ ଅଧିକ ବୈଷୟିକ ଡିଗ୍ରୀଧାରୀ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳିପାରୁ ନାହିଁ। ଯୁବବର୍ଗ ହୋଇ ଜିଲା ବାହାରେ କର୍ମ ଅନ୍ୱେଷଣରେ ଅଛନ୍ତି । ପ୍ରତି ସପ୍ତାହରେ ଦାଦନ ଯନ୍ତ୍ରଣାଜନିତ ଖବର ଜିଲାରେ ପହଞ୍ଚୁଛି । ଏପରି କି କରୋନା ସଂକ୍ରମଣ ସମୟରେ ଜିଲାର ପ୍ରାୟ ୩ ଲକ୍ଷ ଶ୍ରମିକ ପ୍ରବାସରୁ ଫେରିଥିବା ଏକ ବେସରକାରୀ ସଂସ୍ଥାର ସର୍ଭେରୁ ଜଣାପଡିଛି । ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର କୁହନ୍ତି, ନିର୍ବାଚନ ସମୟରେ ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା, ଜାତୀୟ ଉଦ୍ୟାନର ସୁରକ୍ଷା, ଐତିହ୍ୟର ପୁନରୁଦ୍ଧାର, ବିଭିନ୍ନ ନଦୀରେ ସେତୁ, ମେଡିକାଲ କଲେଜ, କୃଷିଭିତ୍ତିକ ଶିଳ୍ପ, କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ, ବିଇଡି କଲେଜ ଆଦିର ପ୍ରତିଷ୍ଠା ନେଇ ରାଜନେତା ସ୍ୱପ୍ନ ଦେଖାଉଥିବା ବେଳେ ଅଦ୍ୟାବଧି ତାହା ପୂରଣ ହୋଇନାହିଁ । କୃଷି ପାଇଁ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହି ଜିଲାର କୃଷକ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ମଧ୍ୟରେ ରହି ଅର୍ଥକରୀ ଫସଲ ଉତ୍ପନ୍ନ କରିପାରୁନାହାନ୍ତି। ସେହିପରି ମଣ୍ଡି ଓ ଶୀତଳଭଣ୍ଡାର, ତାଲିମ ଆଦି କ୍ଷେତ୍ରରେ ଜିଲା ଢ଼େର ପଛୁଆ ଥିବା ସେ ପ୍ରକାଶ କରିଛନ୍ତି । ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଜଙ୍ଗଲ ଅଞ୍ଚଳ ଏବେ ଅନୁପ୍ରବେଶକାରୀଙ୍କ କବଳରେ ଅଛି । ପାରାଦୀପ ଚଣ୍ଡିଖୋଲ ରାଜପଥ କେନ୍ଦ୍ରାପଡ଼ା ମଧ୍ୟରେ ୪୫ କି.ମି. ଅଛି । ଏହି ବାଟ ଦେଇ ଯାତାୟାତ କରୁଥିବା ପରିବହନ ଗାଡ଼ି ଧକ୍କାରେ ଜିଲାବାସୀ ମୃତାହତ ହେଉଥିଲେ ମଧ୍ୟ ଜଗତ୍‌ସିଂହପୁର, କେନ୍ଦୁଝର, ଯାଜପୁରର ଶିଳ୍ପ ଓ ଖଣି ଅଞ୍ଚଳରୁ ସିଏସ୍‌ଆର ବାବଦରେ ଟଙ୍କାଟିଏ ମିଳୁନାହିଁ । ଜିଲାର ତୃଣମୂଳ ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ସେ ମତ ଦେଇଛନ୍ତି ।






# ବରୀ ବିଧାୟିକାଙ୍କୁ ଟିକେଟ ଦେବାକୁ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜନପ୍ରତିନିଧି ଓ ବିଜେଡି ନେତାମାନେ।

**ରସୁଲପୁର,୩୧।୩(ରଞ୍ଜିତ ରାଉତ):**

## ଏକାଠି ହେଲେ ୧୦ ପଞ୍ଚାୟତର ଜନପ୍ରତିନିଧି, ଛାମୁଆ ସଙ୍ଗଠକ

୨୦୨୪ ନିର୍ବାଚନ ପାଇଁ ଯାଜପୁର ଜିଲା ବିଜେଡିରେ ଟିକେଟ ଆଶାୟୀଙ୍କ ସଂଖ୍ୟା ଏକାଧିକ ରହିଛି। ଦଳ ପ୍ରଥମ ପର୍ଯ୍ୟାୟରେ ଯାଜପୁର ସଂସଦୀୟ କ୍ଷେତ୍ର ଅଧୀନ ୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ବାକି ୩ ନିର୍ବାଚନମଣ୍ଡଳୀ ବରୀ, କୋରେଇ ଓ ବଡ଼ଚଣାରେ ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଛି। ଫଳରେ ଏହାକୁ ନେଇ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ଦଳୀୟ ଟିକେଟ ଆଶାୟୀଙ୍କ ମଧ୍ୟରେ ଛନକା ପଶିଛି। ଏହାରି ଭିତରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ଟିକେଟ ଦେବାକୁ ଦାବି ହୋଇଛି। ରସୁଲପୁର ବ୍ଲକ ଅଧୀନ ୧୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଦଳର ଛାମୁଆ ସଂଗଠକମାନେ ତାଙ୍କ ପାଇଁ ମୁହଁ ଖୋଲିଛନ୍ତି।

ଏନେଇ ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତ ଜମାଲପୁର ଶିବମନ୍ଦିର ପ୍ରାଙ୍ଗଣରେ ଯାଜପୁର ଜିଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ବ୍ରହ୍ମବରଦାରୁ ମମତା ଶୁଭଦର୍ଶିନୀ ଦେଓ, ମହେଶ୍ୱରପୁରରୁ ଝରଣା ପାତ୍ର, ମଙ୍ଗରାଜପୁରରୁ ଜୟନ୍ତୀ ସାହୁ, ଅତଲାପୁରରୁ ଅନ୍ୱେଷା କସର, ଅର୍ଥଗାଁରୁ ପ୍ରତିଭା ମଲ୍ଲିକ, ବନ୍ଧଡ଼ିହରୁ ବିକ୍ରମ ବେହେରା, ପ୍ରଥମାଖଣ୍ଡିରୁ ଦୁର୍ଗା ଦାସ, ସମିତି ସଭ୍ୟାସଭ୍ୟ ରୁକ୍‌ସାନା ପରବିନ୍, ପ୍ରିୟରଞ୍ଜନ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ସରପଞ୍ଚ ବେଣୁଧର ଦାସ, ସମବାୟ ନେତା ନରେଶ ମହାନ୍ତି ଓ ଯୁବନେତା ହିମାଂଶୁ ନାୟକଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତା ଯୋଗଦେଇ ବିଧାୟିକାଙ୍କୁ ଦଳୀୟ ଟିକେଟ ପ୍ରଦାନ କରିବାକୁ ଦାବି କରିଛନ୍ତି।

ପୂର୍ବରୁ ସେମାନେ ପତ୍ର ଜରିଆରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ଟିକେଟ ଦାବି କରିଥିଲେ। ତେବେ ଦଳ ପକ୍ଷରୁ ପ୍ରଥମ ଦଫା ଟିକେଟ ବଣ୍ଟନରେ ବରୀକୁ ସାମିଲ କରା ନ ଯିବା ସେମାନଙ୍କ ମଧ୍ୟରେ ବ୍ୟସ୍ତତା ବଢ଼ାଇ ଦେଇଛି। ତେଣୁ ସେମାନେ ପୁଣି ଥରେ ଖବରଦାତା ସମ୍ମିଳନୀ ଜରିଆରେ ଟିକେଟ ଦାବିକୁ ଦୋହରାଇଛନ୍ତି। ଏକ ଶାନ୍ତ ଓ ସମୃଦ୍ଧ ବରୀ ଗଠନ ପାଇଁ ସୁନନ୍ଦାଙ୍କ ଭଳି ବିଧାୟିକାଙ୍କ ଆବଶ୍ୟକତା ରହିଛି ବୋଲି ଉପରୋକ୍ତ ଜନ ପ୍ରତିନିଧିମାନେ କହିଛନ୍ତି।

ତେବେ ଏଥିରେ ବ୍ୟତିକ୍ରମ ଘଟିଲେ ୧୦ ପଞ୍ଚାୟତର ଜନପ୍ରତିନିଧି, ଛାମୁଆ ସଂଗଠକ, ଦଳୀୟ କର୍ମୀ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଧାୟିକାଙ୍କ ସପକ୍ଷରେ ଜନପ୍ରତିନିଧି ଓ ସଂଗଠକ ବାହାରିବା ପରେ ବରୀ ରାଜନୀତି ସରଗରମ ହୋଇଛି। ତେବେ ଏସବୁ କାର୍ଯ୍ୟକ୍ରମ ଦଳର ସୁପ୍ରିମୋଙ୍କୁ କେତେ ପ୍ରଭାବିତ କରୁଛି, ତାହା ଦିନକେଇଟା ଭିତରେ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

## କୋଇଲା ଗାଡ଼ି ଚାଳକଙ୍କ ଉପରେ ଚଢ଼ିଗଲା ଲୋଡ୍‌ର

**କଳିଙ୍ଗନଗର,୩୧।୩(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ କାରଖାନା କୋଇଲା ଲୋଡିଂ ପ୍ଲଟରେ ଲୋଡ୍‌ର ଚଢ଼ିଯିବାରୁ ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଆଇଜାଇଳ ଗ୍ରାମର ଦୁଷ୍ମନ୍ତ ବରାଳଙ୍କ ପୁତ୍ର ଦୀପ୍ତିରଞ୍ଜନ(୨୮)। ଶନିବାର ରାତିରେ ସେ ତାଳଚେର ହିଙ୍ଗୁଳା ଟ୍ରାନ୍ସପୋର୍ଟରୁ କୋଇଲା ଆଣି ମେସ୍କୋ କାରଖାନାକୁ ଆସିଥିଲେ। ଗାଡ଼ି କୋଇଲା ଖଲାସ ପାଇଁ ଥିବାବେଳେ ଦୀପ୍ତି ସେଠାରେ ଶୋଇ ପଡ଼ିଥିଲେ। ଏହି ସମୟରେ ଅନଲୋଡିଂ ପ୍ଲଟରେ କାର୍ଯ୍ୟ କରୁଥିବା ଏକ ଲୋଡର ଦୀପ୍ତିଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବାହ୍ନରେ ଓଡ଼ିଶା ଡ୍ରାଇଭର ମହାସଂଘ ସଭ୍ୟମାନେ ଏକତ୍ରିତ ହୋଇ ମୃତ ଡ୍ରାଇଭରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କଳିଙ୍ଗନଗର ଥାନା ଅଧିକାରୀ ଓ ଜଖପୁରା ଥାନା ଅଧିକାରୀ ପହଞ୍ଚିଥିଲେ। ଡ୍ରାଇଭର ସଂଘ ଓ ପାରାଦୀପ ପରିବହନ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ମୃତ ଡ୍ରାଇଭରଙ୍କ ପରିବାରକୁ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ଉତ୍ତେଜନା ଥମିଥିଲା। କଳିଙ୍ଗନଗର ପୋଲିସ ନମ୍ବର ୭୬।୨୪ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସିତ୍



@ ବିଚିତ୍ରାନନ୍ଦ



@ ପ୍ରକାଶ



@ ପୂଜା



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ କଳା ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର,୩୧।୩(ଶର୍ମିଷ୍ଠା ପାଣିଗ୍ରାହୀ)**

## ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା, ଶିବିରାର୍ଥୀଙ୍କୁ ପ୍ରମାଣପତ୍ର

ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଓଡ଼ିଶା ଦ୍ୱାରା ଭୁବନେଶ୍ୱର ନୀଳାଦ୍ରୀବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର ପରିସରରେ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଚିତ୍ରାଙ୍କନ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଯୋଗଗୁରୁ ଡ. ମନୋରଞ୍ଜନ ସାହୁଙ୍କ ଦ୍ୱାରା ଯୋଗଶିକ୍ଷାର ପୁନରାବୃତ୍ତି ସହ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ୩୦ଟି ଜିଲାରୁ ୧୬୦ ଜଣ ପିଲା ଭାଗନେଇଥିଲେ। ପ୍ରଦର୍ଶନୀକୁ ଖଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସାହିତ୍ୟାଲୋକ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସଭାରେ ଶିଳ୍ପୀ ରାଜବଲ୍ଲଭ ସାହୁ ଅଧ୍ୟକ୍ଷତା କରିଥିଲେ। ଶିଳ୍ପୀ ରବୀନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପ୍ରସାଦ ସାହୁ ଉଦ୍‌ଯାପନୀ ଅଭିଭାଷଣ ରଖିଥିଲେ। ସାହିତ୍ୟିକ ତଥା ନାଟ୍ୟକାର କିଶୋର ଚନ୍ଦ୍ର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଶିଳ୍ପୀ ସର୍ବଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁ, ରାଜବଲ୍ଲଭ ସାହୁ, ରବୀନ୍ଦ୍ରନାଥ ସାହୁ, ଗୋପାଳ ଚରଣ ସାମଲ, ଅମରେନ୍ଦ୍ର ମହାରଣା, ଚିତ୍ରସେନ ବିଶୋଇ, ସସ୍ମିତା ପତି, ମହେଶ ପାଣ୍ଡେ, ନନ୍ଦେଶ୍ବ ରାଓଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ଆଶିଷ କୁମାର ରାଠୋର ଧନ୍ୟବାଦ ଦେଇଥିଲେ। ନାରାୟଣ ଚନ୍ଦ୍ର ବୋଇତାଇ, ପ୍ରଶାନ୍ତ କୁମାର ବେହେରା, ଲମ୍ବୋଦର ସାହୁ, ନିରଞ୍ଜନ ଗାହଣ, ଜ୍ୟୋତ୍ସ୍ନାରାଣୀ ଜେନା, ତନୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାଜପୁରସ୍ଥିତ ଅଦ୍ୱୈତ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୋନାଲି ଆଚାର୍ଯ୍ୟ ଏବଂ ସୋରୋ ପୁରୁବାଇ କନ୍ୟାଶ୍ରମର ଅନ୍ତେବାସୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର ଓ ପୂଜା ସିଂଙ୍କ ନୃତ୍ୟ ମନୋମୁଗ୍ଧକର ପରିବେଶ ସୃଷ୍ଟି କରିଥିଲା।



ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଦ୍ୱାରା ଆୟୋଜିତ କଳା ଶିବିରରେ ଅତିଥିଙ୍କ ଗହଣରେ ଚିତ୍ରଶିଳ୍ପୀ।

# ଶ୍ରୀବଳଦେବଜୀଉଙ୍କ ଦର୍ଶନ ପରେ ବିଜେଡିର ପ୍ରଚାର ଆରମ୍ଭ

**କେନ୍ଦ୍ରାପଡ଼ା,୩୧।୩(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ସାଧାରଣ ନିର୍ବାଚନ ଆସନ୍ତା ଜୁନ ୧ରେ ହେବ । ଏଥିପାଇଁ ରାଜନୈତିକ ବାତାବରଣ ଉଷ୍ମ ହୋଇଛି । ବିଜେଡି ପକ୍ଷରୁ ଶ୍ରୀବଳଦେବଜୀଉ ରଥଦାଣ୍ଡରୁ ପ୍ରାର୍ଥମାନେ ରବିବାର ଠାରୁ ପ୍ରଚାର ଆରମ୍ଭ କରିଛନ୍ତି । କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, ମହାକାଳପଡ଼ା ବିଧାନସଭା ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ରାଜନଗର ପ୍ରାର୍ଥୀ ଧ୍ରୁବ ସାହୁ, ପାଟକୁରା ପ୍ରାର୍ଥୀ ଅରବିନ୍ଦ ମହାପାତ୍ର , ଜିଲା ପ୍ରଭାରୀ ପ୍ରତାପ ଜେନା, ଜିଲା ବିଜେଡି ସଭାପତି ଧୀରେନ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରି ନିର୍ବାଚନୀ ଆଭିମୁଖ୍ୟ ରଖିଛନ୍ତି । ଏହି ଅବସରରେ ସେମାନେ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ରାଜନୀତି ରାଜ୍ୟରେ ସବୁବେଳେ ସକରାତ୍ମକ ଭୂମିକା ଲିଭାଇଛି । ଏହି ଜିଲାରୁ ବିଜୁବାବୁ ରାଜନୈତିକ ଆର୍ଶୀବାଦ ପାଇଥିବା ବେଳେ ଗତ ୨୪ ବର୍ଷ ଧରି ବିଜେଡିକୁ ଜିଲାବାସୀ ଭଲ ପାଇ ଆସିଛନ୍ତି। ରାଜ୍ୟରେ ନବୀନ ସରକାରଙ୍କ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲାକୁ ସବୁବେଳେ ପ୍ରାଧାନ୍ୟ ଦିଆ ହୋଇଆସିଛି । ମୌଳିକ ଓ ଆଞ୍ଚଳିକ ସମସ୍ୟାଗୁଡ଼ିକର ସମାଧାନ ହେଉଛି । ଆସନ୍ତା ସାଧାରଣ ନିର୍ବାଚନ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଆଗରେ ବିରୋଧୀଙ୍କ ରଣନୀତି ଫିକା ପଡିବ । ପୂର୍ବପରି ଜିଲାରେ ବିଜେଡିର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇ ଲୋକଙ୍କ ସେବାରେ ବ୍ରତୀ ରହିବେ । ଏଥିପାଇଁ ଶ୍ରୀଜୀଉଙ୍କ ଆର୍ଶୀବାଦ ନେଇ ନିର୍ବାଚନ ପ୍ରଚାର ଆରମ୍ଭ କରାଯାଇଥିବା ସେମାନେ କହିଥିଲେ । ସହରର ଦୁହୁରିଆଠାରୁ ଶ୍ରୀଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ରାଲିରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ ।



ରଥଦାଣ୍ଡରେ ଆୟୋଜିତ ପ୍ରଚାର ଆରମ୍ଭ ସଭାରେ ଯୋଗଦେଇଥିବା ବିଜେଡି ପ୍ରାର୍ଥୀ ।





ପଞ୍ଚଦୋଳ ମେଳଣରେ ସାମିଲ ହୋଇଥିବା ସୁସଜ୍ଜିତ ବିମାନ।

# ଆଙ୍କାମାଳରେ ହେଲା ପଞ୍ଚଦୋଳ ମେଳଣ

ରଣପୁର,୩୧।୩
(ସୁକାନ୍ତ କିଶୋର ଡାକୁଆ)

- ମେଳଣ ମଣ୍ଡପକୁ ଆସିଲେଣି ମା'ମଣିନାଗଙ୍କ ବିଗ୍ରହ
- ରାଜାଙ୍କ ଜମିବାଡ଼ି ବିବାଦ ପ୍ରଶାସନ ନ ବୁଝିବାରୁ ବିବାଦ

ଦୋଳପୂର୍ଣ୍ଣିମାର ୫ ଦିନପରେ ନୟାଗଡ଼ ଜିଲା ରଣପୁରର ପଞ୍ଚଦୋଳ ମେଳଣ କେଉଁ ଆବାହନ କାଳରୁ ଚାଲି ଆସିଛି। ଏହି ଯାତ୍ରାରେ ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗ ମୁଖ୍ୟ ଥାନପତିଭାବେ ବିରାଜମାନ ହୋଇ ପୂଜା ପାଇବା ସହିତ ପଞ୍ଚ ମହାଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ୧୧୦ ଠାକୁରଙ୍କ ସାଥିରେ ଧରି ଶନିବାର ରାତିରେ ସିଂହଦ୍ୱାରରୁ ବାହାରି ମେଳଣ ପଡ଼ିଆ ମଝିରେ ବିରାଜମାନ ହୋଇଥାନ୍ତି । କିନ୍ତୁ ଚଳିତ ବର୍ଷ ଏହି ଯାତ୍ରାରେ ମା ' ମଣିନାଗଙ୍କୁ ଏହି ମେଳଣ ପଡିଆରେ ଭକ୍ତମାନେ ଦର୍ଶନ କରିପାରି ନ ଥିଲେ । ରାଜା ରାଜବାଟୀରେ ପୂଜା ପାଉଥିବା ମା' ଙ୍କ ବିଗ୍ରହକୁ ମେଳଣ ପାଇ ମେଳଣ ପଡ଼ିଆକୁ ନ ଛାଡିବାରୁ ପୂଜା କମିଟି ଓ ପୂଜାରୀମାନେ ବାଧ୍ୟ ହୋଇ ବିଧିରକ୍ଷା ପାଇଁ ପାହାଡ଼ ଉପର ଥିବା ମା' ମଣିନାଗଙ୍କ ଠାକୁରାଣୀଙ୍କ ଆଙ୍କାମାଳ ଆଣି ଶନିବାର ମେଳଣ ଯାତ୍ରା କରାଇ ଥିଲେ। ଯାହାକୁ ନେଇ ଭକ୍ତ ଓ ରଣପୁରବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ପ୍ରଶାସନ ଓ ବୁଦ୍ଧିଜୀବୀମାନେ ରାଜାଙ୍କ ସହିତ ଚଳିତ ବର୍ଷ କୌଣସି ଆଲୋଚନା କରି ନ ଥିଲେ। ଏନେଇ ରାଜା ଦିଲୀପ ଚନ୍ଦ୍ର ସିଂହ ଦେଓ କହିଛନ୍ତି, ମୋର ଥିବା ବିଭିନ୍ନ ଜମିକୁ କେତେଜଣ ଲୋକ ଜବରଦସ୍ତ ଅକ୍ତିଆର କରି ରଖିଛନ୍ତି । ମୁଁ ବାରମ୍ବାର ଏନେଇ ପ୍ରଶାସନକୁ ଜଣାଇଲେ ମଧ ମତେ ଖାଲି ପ୍ରତିଶ୍ରୁତି ମିଳିଛି । ଜମି ଚିହ୍ନଟ କି ଜବରଦଖଲ ଉଚ୍ଛେଦ କରାଯାଉନାହିଁ। ସେଥିପାଇଁ ଏହି ମେଳଣ ଯାତ୍ରାକୁ ମା'ଙ୍କ ବିଗ୍ରହକୁ ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ଛଡ଼ା ଯାଇ ନାହିଁ। ନିୟମ ଅନୁଯାୟୀ, ଗୋଟିଏ ବର୍ଷ ବନ୍ଦ ହେଲେ ୧୨ ବର୍ଷ ପର୍ଯ୍ୟନ୍ତ ମା'ଏହି ଯାତ୍ରାକୁ ଯାଇପାରିବେ ନାହିଁ । ଏ ବିଷୟରେ ମୋ ସହିତ କୌଣସି ବ୍ୟକ୍ତି ଆଲୋଚନା କରିନାହାନ୍ତି ।

ସୂଚନା ଅନୁଯାୟୀ, ଶନିବାର ରାତିରେ ସିଂହଦ୍ୱାରଠାରୁ ଏକ ବିରାଟ ପଟୁଆର ସହ ସୁସଜ୍ଜିତ ତୋରଣ, ଘଣ୍ଟ, ମୃଦଙ୍ଗ,କାହାଳି, ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଥାନପତି ମା'ମଣିନାଗଙ୍କ ଅଙ୍କମାଳ ଆସ୍ଥାନରେ ବସିବା ପରେ ଦୋଳଗୋବିନ୍ଦ, ପଞ୍ଚମହାଦେବ ଏବଂ ଅନ୍ୟ ସମସ୍ତ ଦେବମାନେ ସ୍ୱଆସ୍ଥାନ ଗ୍ରହଣ କରି ରବିବାର ପ୍ରାତଃରୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ବିରାଟ ଅଟୋପ ଶୋଭାଯାତ୍ରାବାହାରେ ମେଳଣ ପଡିଆକୁ ୧୧୦ ଶମ୍ଭୁ ଠାକୁର ବାହାରି ଥିଲେ । ଏହି ଶୋଭାଯାତ୍ରା ଆଗରେ ଘୋଡ଼ା ନାଚ, ସପସାପୁଆଣୀ ନୃତ୍ୟ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତି ୧୧ଟାରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ରଣପୁର ସହର ପରିକ୍ରମା କରି ମେଳଣ ପଡ଼ିଆରେ ଏହି ଶୋଭାଯାତ୍ରା ପହଞ୍ଚିଲା ବେଳକୁ ରବିବାର ସକାଳ ହୋଇଯାଇଥିଲା। ପଞ୍ଚଦୋଳ ଯାତ୍ରା ପାଇ ମେଳଣ ପଡ଼ିଆ ସହିତ ରଣପୁର ଦାଣ୍ଡରେ ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଫଗୁ ଖେଳିଥିଲେ । ଏହି ମେଳଣରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ଚଳନ୍ତି ଠାକୁରମାନେ ନିଜ ନିଜ ଅସ୍ଥାନକୁ ଦୋଳ ବିମାନରେ ବାହୁଡ଼ିଥିଲେ ।

## ଦୃଷ୍ଟିହୀନ ଯୁବତୀଙ୍କୁ ଗଣବଳାତ୍କାର

ନୟାଗଡ଼,୩୧।୩ (ଲୋକନାଥ ମିଶ୍ର)

- ୪ ଜଣ ଯୁବକ ପୋଖରୀ କୂଳରେ କଲେ ବଳାତ୍କାର
- ୩ ଖସିଗଲେ, ଜଣଙ୍କୁ ପୋଲିସ ଜିମା ଦେଲେ ଗାଁ ଯୁବକ

ନୟାଗଡ଼ ଜିଲା ଦଶପଲ୍ଲା ଥାନାର ପୁରୁଣା ଦଶପଲ୍ଲାର ମାଳିସାହି ପୋଖରୀ ପାଖରେ ଜଣେ ୨୨ ବର୍ଷିୟା ଦୃଷ୍ଟିହୀନା ଯୁବତୀଙ୍କୁ ରବିବାର ସନ୍ଧ୍ୟାରେ ଗଣବଳତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ୪ଜଣ ଯୁବକ ଗଣବତ୍କାକାର କରୁଥିବାବେଳେ ସ୍ଥାନୀୟ ଯୁବକମାନେ ଏହାର ପର୍ଦ୍ଦାଫାସ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ କରିଥିଲେ । ୩ଜଣ ଅଭିଯୁକ୍ତ ଚକମା ଦେଖାଇ ଖସି ଯାଇଥିବାବେଳେ ଜଣେ ଯୁବକ ଗାଁର ଯୁବକଙ୍କ ଦ୍ୱାରା ଧରା ପଡିଥିଲେ । ସ୍ଥାନୀୟ ଯୁବକମାନେ ପୋଲିସକୁ ଗାଁକୁ ଡକାଇ ଜଣେ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ । ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂଚନା ଅନୁସାରେ ବଳତ୍କାର କରିଥିବା ଯୁବକଙ୍କ କାରାନାମା ଧରା ପଡିବା ପରେ ଗାଁର ଯୁବକମାନେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ । ଜଣେ ଅଭିଯୁକ୍ତ ଧରା ପଡିବା ପରେ ବିଭିନ୍ନ ପ୍ରକାରର ଚାପ ପକାଇ ଘଟଣାକୁ ରଫାଦଫା କରିବାକୁ ପ୍ରୟାସ ହୋଇଥିଲା । ତେବେ ଦୃଷ୍ଟିହୀନା ଯୁବତୀ ନ୍ୟାୟ ପାଇବା ପାଇଁ ଗାଁର ଯୁବକମାନେ ପୋଲିସକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରିବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷେ ପୋଲିସ ଅଭିଯୁକ୍ତଙ୍କୁ ଭ୍ୟାନରେ ବସାଇ ନେଉଥିବାବେଳେ ଗଣମାଧ୍ୟମକୁ ଏ ସଂକ୍ରାନ୍ତରେ କୌଣସି ସୂଚନା ନ ଦେବା ଉକ୍ତ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା କହିଛନ୍ତି । ଏନେଇ ଦଶପଲ୍ଲା ଥାନା ଆଇଆଇସି ମୁକବେସ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ନାହିଁ କହି ଘଟଣାକୁ ଅସ୍ୱୀକାର କରିଛନ୍ତି ।

## ବଡ଼ଗୋରଡ଼ାରେ ପାଣିତୋଳା ଯାତ୍ରା



ବ୍ରତଧାରୀମାନେ ପାଣିତୋଳା ଯାତ୍ରାରେ ସାମିଲ ହୋଇଛନ୍ତି।

ଶରଣକୁଳ,୩୧।୩ (ଦୀପକ କର)

ବଡ଼ଗୋରଡା ଗ୍ରାମରେ ରବିବାର ଦଣ୍ଡଠାକୁରଙ୍କ ପାଣିତୋଳା ଯାତ୍ରା ପାଳିତ ହୋଇଯାଇଛି । ସକାଳୁ ଠାକୁର ପୁଷ୍କରିଣୀ ତୁଠକୁ ଯାଇ ୩୦ଜଣ ଦଣ୍ଡୁଆ ସ୍ନାନାଦି କାର୍ଯ୍ୟ ସାରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ମହିଳାମାନେ ସେମାନଙ୍କ ଘର ଦୁଆର ଲିପାପୋଛା କରି, ଚିତା ପକାଇ ଏବଂ ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଭୁ ବାନାମ୍ବରଙ୍କୁ ଭକ୍ତମାନେ ଘଣ୍ଟ, ଘଣ୍ଟା, ଖୋଳତାଳ, ଢୋଲ ମାଦଳ ବଜାଇ ପୂର୍ଣ୍ଣ ସାଜସଜ୍ଜାରେ ଗ୍ରାମ ପରିକ୍ରମା ସମୟରେ ମହିଳାଙ୍କ ହୁଳହୁଳି ଶବ୍ଦରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା। ବିଭିନ୍ନ ସ୍ଥାନରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଦଣ୍ଡୁଆମାନେ ଧୂଳି ଦଣ୍ଡ ଖେଳିଥିଲେ। ସନ୍ଧ୍ୟାରେ ଦଣ୍ଡୁଆମାନେ ପୁନଶ୍ଚ ବଡ଼ଗୋରଡ଼ା ବାବାଜୀ ପୁଷ୍କରିଣୀକୁ ଯାଇ ସ୍ନାନ ଓ ପୂଜନ ପରେ ପ୍ରଭୁ ବାନାମ୍ବରଙ୍କୁ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଦୁଆର ଭୋଗ ଖାଇ ମାନସିକ ଥିବା ଭକ୍ତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ କରାଯାଇଥିଲା। ରାତିରେ ପାଟଭଗତା ଦଣ୍ଡପାଣି ପ୍ରଧାନଙ୍କ ଦୁଆରେ ଭୋଗ ଖାଇଥିଲେ। ପ୍ରଭୁଙ୍କ ଏହି ଯାତ୍ରା ୧୫ଦିନ ଧରି ଚାଲିବ ବୋଲି ପରିଚାଳକ ବିଜୟ କୁମାର ଦୋରା କହିଛନ୍ତି।

## ବେଣାଗାଡ଼ିଆ ଗ୍ରାମରେ ଭାଜପାର କର୍ମୀ ସମାବେଶ

ଖଣ୍ଡପଡ଼ା,୩୧।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଭାଜପା ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଭାଜପାରେ ଯୋଗ ଦେଇଥିବା ସାମାଜିକ କର୍ମୀ ତଥା ସ୍ଥପତି ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ କର୍ମୀ ସମାବେଶରେ ଦଳର କର୍ମୀ, ସଙ୍ଗଠକ ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ କର୍ମୀ ସମାବେଶରେ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା ଥିବା ନେଇ ସମାବେଶରେ ଉପସ୍ଥିତ ଥିବା ପଞ୍ଚାୟତ ଜନପ୍ରତିନିଧିମାନେ ମତ ଦେଇଥିଲେ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ସେ ଆଶାୟୀ ଥିବା ଜଣାପଡିଛି।

## ସ୍ମୃତିର ଦୀପାଳି ପୁସ୍ତକ ଉନ୍ମୋଚିତ

ଖଣ୍ଡପଡ଼ା,୩୧।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ନେହଲତା ରଥଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଲିଖିତ ସ୍ମୃତିର ଦୀପାଳିର ୨ୟ ଭାଗ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ, ପ୍ରଦୀପ୍ତ କୁମାର ସାହୁ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଦାବରୀ ଦାସ, ସିଆରସିସି ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ । କଣ୍ଟିଲୋ ପାଣ୍ଡୁସାହୁ ଏମ୍ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅସିତ୍



@ ବିଚିତ୍ରାନନ୍ଦ



@ ପ୍ରକାଶ



@ ପୂଜା



@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଶରଣକୁଳ ପୋଲିସର ଧରପଗଡ଼ ଜୋରଦାର

ଶରଣକୁଳ,୩୧।୩ (ଦୀପକ କର)

ନିଶା ଦ୍ରବ୍ୟ ସେବନ କରି ଗାଡ଼ି ଚାଳନା କରୁଥିଲେ ଗଣିବାକୁ ପଡିପାରେ ତଣ୍ଡ, ଭୋଗି ପାରନ୍ତି ଜେଲଦଣ୍ଡ । ଏଭଳି ପଦକ୍ଷେପ ନେଇଛି ଶରଣକୂଳ ପୋଲିସ। ଶନିବାର ରାତିରୁ ଶରଣକୂଳ ପୋଲିସର ଧରପଗଡ଼ କଡାକଡି ଭାବେ ଚାଲିଛି। ଶରଣକୂଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରାଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ସନ୍ଧ୍ୟାରାଣୀ ସେଠୀ ଓ ପୋଲିସ କର୍ମଚାରୀଙ୍କୁ ନେଇ ଶରଣକୂଳ ବଜାରରେ ଜୋରଦାର ଧରପଗଡ଼ କରାଯାଇଥିଲା।

ଗାଡ଼ି ଚାଳକମାନେ ନିଶା ସେବନ କରିଛନ୍ତି କି ନାହିଁ ଯାଞ୍ଚ କରାଯାଇଥିଲା। ବିନା ହେଲମେଟରେ ଗାଡି ଚାଳନା ଓ ବେପରୁଆ ଗାଡିଚାଳକମାନଙ୍କୁ ଧରପଗଡ କରାଯାଇଥିଲା। ଏହି ଧରପଗଡ଼ରେ ଗାଡ଼ି ଚାଳକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଧରପଗଡ଼ କଡ଼ାକଡ଼ି କରାଯାଇଛି ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି।



ପୋଲିସ ପକ୍ଷରୁ ଜଣେ ବାଇକଚାଳକଙ୍କୁ ଯାଞ୍ଚ କରାଯାଉଛି।

## ୩୧ ବର୍ଷରେ ନୟାଗଡ଼ ଜିଲା

# ବିକାଶର ସଂଜ୍ଞା ଖୋଜୁଛନ୍ତି ଜିଲାବାସୀ

ନୟାଗଡ,୩୧।୩ (ଲୋକନାଥ ମିଶ୍ର)

ସୋମବାର ଜିଲାକୁ ୩୧ ବର୍ଷ ପୁରିବ । ୧୯୯୩ ଏପ୍ରିଲ ୧ରେ ନୟାଗଡ ଜିଲା ପୁରୀ ଜିଲାରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା । ରାଜ୍ୟରେ ୧୩ ଜିଲା ୩୦ଟି ଜିଲାରେ ପରିବର୍ତ୍ତନ ହୋଇଥିଲା । ଜିଲା ଗଠନ ପୂର୍ବରୁ ଜିଲାବାସୀ ଭାବିଥିଲେ ଶାସନ ବ୍ୟବସ୍ଥା ପାଖକୁ ଆସିଲେ ନୟାଗଡ଼ର ରୂପରେଖ ବଦଳିବ । ହେଲେ ବିକାଶର ଡିଣ୍ଡିମ ପିଟା ଯାଉଥିଲେହେଁ ବିକାଶର ସଂଜ୍ଞା ଖୋଜି ଉତ୍ତର ପାଉନାହାନ୍ତି ଜିଲାବାସୀ । ମହାନଦୀ, ବୃତ୍ତଙ୍ଗ ପରୀ ନଦୀ ପ୍ରବାହିତ ହୋଇବି କୃଷି ପ୍ରଧାନ ଜିଲା ନୟାଗଡ଼ରେ ଜଳସେଚନର ସୁବିଧା କି ପାନୀୟଜଳର ବ୍ୟବସ୍ଥାର ସୁବିଧା ହୋଇ ପାରୁନି। ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଉତ୍ପାଦିତ ଶସ୍ୟ ସଂରକ୍ଷିତ କରି ରଖି ପାରୁ ନାହିଁ । କେତେବେଳେ ପନିପରିବାର ଅଭାବୀ ବିକ୍ରୀର ଶିକାର ହେଉଛନ୍ତି ତ ଆଉ କେତେବେଳେ ନଷ୍ଟ ହେଉଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଉପରେ ଦାଉ ସାଧୁଛି। ଏଠାର କୃଷି ଓ କୃଷକ ପଛରେ ପଡିଛନ୍ତି । ସହର ହେଉବା ଗାଁ ସବୁଠି ଗୋଟିଏ ଅଭିଯୋଗ ମିଳୁନି ସର୍ବନିମ୍ନ ସୁବିଧା। ସୋମବାର ନୟାଗଡ଼ ଜିଲାକୁ ୩୧ ବର୍ଷକୁ ଛୁଇଁବାକୁ ଯାଉଥିବାବେଳେ ଏହାର ବିକାଶ ଭାଷଣରେ ସୀମିତ ରହିବା ଘଟଣା ଅନେକ ସମାଲୋଚନା କରୁଛନ୍ତି । ଚିନିକଳରେ ତାଲା ଝୁଲିବା ପରେ ଶିଳ୍ପ ତାଲିକାରୁ ନୟାଗଡ଼ର ନାଁ ବାଦ ପଡ଼ିଗଲା । ଚାଷୀଙ୍କ ପାଇଁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ସ୍ୱପ୍ନ ହୋଇ ରହିଛି। ଜିଲାର ଶିରିଶିରା, କାଣିପୋଖରୀ, ଦଦରା, ନେପାଳ, ଗେଣ୍ଡାଳୀ, କୁରୁମି, କାଠପଟନୀ, ଜିରି,ଟୁକୁଡା, ପାନବିରି ପରି ଅନେକ ଗାଁକୁ ରାସ୍ତା ନାହିଁ । ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ବିଭିନ୍ନ ସମୟରେ ଦଶପଲ୍ଲାରେ ଅନେକ ରୋଗୀ ମରୁଥିବାର ନଜିର ରହିଛି । ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସ୍ୱାଧୀନତାର ୭୭ବର୍ଷ ପରେ ରାସ୍ତା ନ ଥିବାରୁ ଗଣିଆ, ଦଶପଲ୍ଲା, ନୂଆଗାଁ ପରି ବ୍ଲକ ଅଞ୍ଚଳରୁ ଗର୍ଭବତୀ ମହିଳା,ରୋଗୀଙ୍କୁ ଦୋଳାରେ ଅଣାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି।

ଏମଜିଏନ୍ଆରଇଜିଏସ୍ କାର୍ଯ୍ୟକାରୀ ହେଉଥିଲେ ହେଁ ଜିଲାର ଶ୍ରମିକମାନେ କାମ ନ ପାଇ ରୋଜଗାର ପାଇଁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ଆର୍ଥିକ ବିକାଶ ନ ଥିବାରୁ ଯୁବକମାନେ ବେକାର ହୋଇ ବୁଲୁଛନ୍ତି । ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଏନେଇ ସାମାଜିକ କର୍ମୀ ଦିଲୀପ ସାମନ୍ତରାୟ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଊର୍ଦ୍ଧ୍ୱ ଡାକ୍ତର ପଦବୀ ଖାଲି ରହିଛି । ଅନ୍ୟପକ୍ଷେ ଡାକ୍ତର ଥାଇ ବି ଭଲ ସେବା ମିଳୁ ନ ଥିବାର ଅଭିଯୋଗ ରହିଛି । ଶିକ୍ଷା ପାଇଁ ଭିତ୍ତିଭୂମି ସୁଦୃଢ଼ କୁହାଯାଉଥିଲେ ହେଁ ସରକାରୀ ସ୍କୁଲରୁ ମୁହଁ ମୋଡ଼ି ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ହେଉଛନ୍ତି ଛାତ୍ରୀଛାତ୍ର। ଏଣୁ ଗାଁଠାରୁ ଆରମ୍ଭ କରି ସହର ସବୁଠି ଅନେକ ସ୍କୁଲରେ ଛାତ୍ରୀଛାତ୍ର ଅଭାବରୁ ତାଲା ଝୁଲିଲାଣି । ଜିଲାରେ ୧୪ରୁ ଅଧିକ ପର୍ଯ୍ୟଟନସ୍ଥଳୀ ଥିଲେ ଏଠାରେ ଥିବା ଅସୁବିଧାକୁ ସମାଧାନ କରାଯାଇ ପାରୁନି। ଥାନା ଓ ଫାଣ୍ଡିରେ ଅଭିଯୋଗ କରିବାକୁ ଗଲେ ବିନା ହାତଗୁଞ୍ଜାରେ ମାମଲା ରୁଜୁ ହେଉ ନାହିଁ । ଆଇନଜିବୀ ଚନ୍ଦ୍ର ବିଜୟ ମିଶ୍ର କୁହନ୍ତି, ଜିଲାସାରା ବ୍ରାଉନସୁଗାର କାରବାର ବଢ଼ି ଚାଲିଛି । ପୁଣି ସହରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଅପରାଧ ବଢୁଥିଲେ ମଧ ଲଗାମ ନାହିଁ । ଜିଲା ପ୍ରତିଷ୍ଠା ହେବା ପରେ ଜିଲାରେ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟ ଖୋଲଛି । ଶାସନ ପାଖକୁ ଆସିଛି ହେଲେ ଲୋକଙ୍କ ଦୁଃଖ ବଢ଼ି ଚାଲିଛି । ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଆସୁଥିବା ସରକାରୀ ଅନୁଦାନର ଠିକ ସମୀକ୍ଷା କରାଯାଉ ନ ଥିବାରୁ ଯୋଜନା ବାଟବଣା ହେଉଛି। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି, କେତେଜଣ ସରକାରୀ କାର୍ଯ୍ୟାଳୟର ଫାଟକଗୁଡିକରେ ଲକ୍ଷାଧିକ ଟଙ୍କା ବ୍ୟୟ କରିଦେଲେ ବିକାଶ ହୁଏନି । ଜିଲା ଗଠନର ୩୧ ବର୍ଷ ହୋଇଥିବାବେଳେ ବିକାଶ ବାଟବଣା ହୋଇ ଯାଇଛି । ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ବିକାଶ କ୍ଷେତ୍ରରେ ବାଧକ ସାଜିଛି । ବିଫଳତା ମଧ୍ୟରେ ୧୯ ଜୁନ୍ ୨୦୧୬ରେ ରେଳପଥ ଛୁଇଁବା ଜିଲାପାଇଁ ସଫଳତାର ମାଇଲଖୁଣ୍ଟ। ହେଲେ ଅଧିକ ସଂଖ୍ୟକ ରେଳଗାଡ଼ି ଯାତାୟତ ପାଇଁ ବ୍ୟବସ୍ଥା କରାଯାଉନି । ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଜିଲା ବିକାଶର ସୁଫଳ ଆମେ ପାଇଲୁ ନାହିଁ । ଜିଲାରେ ଜଳସେଚନ ନାହିଁ । ଶିଳ୍ପ ନାହିଁ । ବିକାଶ ପୁଞ୍ଜିପତିଙ୍କ ହୋଇଛି । ସାଧାରଣ ଲୋକର ବିକାଶ ହୋଇନି । ଲୋକଙ୍କର ମୌଳିକ ସମସ୍ୟା ସମାଧାନ ହୋଇନି ବୋଲି ଦର୍ଶାଇ କ୍ଷୋଭ ପ୍ରକାଶ କରିଛନ୍ତି ।

